## ଅଲ୍ଲାଃ ତାଲାଙ୍କ ବାଣୀ

وَلِلّٰہِ مَا فِی السَّمٰوٰتِ وَمَا فِی الۡاَرۡضِ ؕ یَغۡفِرُ لِمَنۡ یَّشَآءُ وَیُعَذِّبُ مَنۡ یَّشَآءُ ؕ وَاللّٰہُ غَفُوۡرٌ رَّحِیۡمٌ ۝

(آل عمران:130)

ଅନୁବାଦ- ଏବଂ ଯାହା କିଛି ଆକାଶରେ ଅଛି ଏବଂ ଯାହା କିଛି ପୃଥିବୀରେ ଅଛି ସେ ସବୁ ଅଲ୍ଲାଃଙ୍କର; ସେ ଯାହାକୁ ଇଛା କ୍ଷମା କରନ୍ତି, ଯାହାକୁ ଇଛା ଶାସ୍ତି ଦିଅନ୍ତି ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମା ଶୀଳ (ଓ) ସଦା କରୁଣାମୟ ।

*(ଆଲେ ଇମରାନ୍: ୧୩୦)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ  نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ  وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 33-34

ସାପ୍ତାହିକ

# ବଦର

Weekly BADAR Qadian

Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

15-22 ଅଗଷ୍ଟ 2019 | 15-22 ଜହୁର 1398 ହି.ଶ | 13-20 ଜୁଲ୍‌ହଜାଃ 1440 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱେର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଯଦି ତୁମେ ଇସ୍‌ଲାମକୁ ସାହାଯ୍ୟ କରିବାକୁ ଚାହୁଁଛ ଓ ତା'ର ସେବା କରିବାକୁ ଚାହୁଁଛ ତେବେ ପ୍ରଥମେ ନିଜେ ଧର୍ମ ପରାୟଣତା ଓ ପବିତ୍ରତା ଅବଲମ୍ବନ କର ଫଳତ ତୁମେ ସ୍ୱୟମ ଖୁଦାତାଲାଙ୍କ ଶରଣର କିଲା ଭିତରେ ସୁରକ୍ଷିତ ହୋଇପାରିବ ଓ ପୁଣି ଯାଇ ତୁମକୁ ଏହି ସେବା କରିବାର ସୌଭାଗ୍ୟ ଓ ହକ୍ ହାସଲ ହେବ ।**

**ଅଲ୍ଲାଃ ତାଲାଙ୍କ କୃପା ସର୍ବଦା ଧର୍ମପରାୟଣ ବ୍ୟକ୍ତି ଓ ସଦାଚାରିଙ୍କ ସହିତ ଯଢ଼ିତ ରହିଥାଏ, ନିଜର ଚରିତ୍ର ଓ ଚାଲିଚଳଣକୁ ଏପରି କର ନାହିଁ ଯଦ୍ୱାରା ଇସଲାମ ଉପରେ ଦାଗ ଲାଗୁଥିବ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ପୂଣ୍ୟ କ'ଣ ?

ଇସ୍‌ଲାମ୍ ଏବଂ ଖୁଦାଙ୍କ ନିକଟରେ ପହଂଚିବା ପାଇଁ ପୂଣ୍ୟ ହେଉଛି ଏକ ନିଶୁଣି । କିନ୍ତୁ ମନେ ରଖ ଯେ ପୂଣ୍ୟ କ'ଣ ? ସଇତାନ ପ୍ରତ୍ୟେକ ମାର୍ଗରେ ଲୋକଙ୍କୁ ଲୁଟିଥାଏ ଏବଂ ସେମାନଙ୍କୁ ସତ୍‌ପଥରୁ ପଥଚ୍ୟୁତ କରିଥାଏ । ଉଦାହରଣ ସ୍ୱରୁପ ରାତିବେଳା ଅଧିକା ରୁଟି ତିଆରି ହୋଇଯାଇଛି ତେଣୁ ସକାଳ ବେଳା ବାସି ରୁଟି ବଂଚିଗଲା । ଖାଇବା ସମୟରେ ତା ସମ୍ମୁଖରେ ତାଜା ଖାଦ୍ୟ ପରଷା ଯାଉଛି । ଏବେ ସେ ଖଣ୍ଡେ ଖାଇବା ପାଇଁ ଉଠାଇଛି କି ନାହିଁ ଠିକ୍ ଏତିକି ବେଳେ ଜଣେ ଫକୀର ରୁଟି ଖାଇବା ପାଇଁ ମାଗିଲା । ଫଳତଃ ସେ କହିଲା ବାସି ରୁଟି ଗୁଡ଼ିକୁ ସେହି ଫକୀରକୁ ଦେଇଦିଅ । ତେବେ କ'ଣ ଏହା ପୂଣ୍ୟ ହେବ ? ବାସି ରୁଟି ତ ପଡ଼ି ରହିବାର ଥିଲା । ଭଲ ଖାଦ୍ୟ ଖାଉଥିବା ବ୍ୟକ୍ତି ତାକୁ କାହିଁକି ଖାଇବ ? ଅଲ୍ଲାଃ ତାଲା କହୁଛନ୍ତି ***ୱ ୟୁତ୍‌ଇମୁନତ୍ ତାଆମା ଅଲା ହୁବ୍‌ବିହି ମିସ୍‌କିନନ୍ ୱ ୟତିମନ୍ ୱ ଅସିରା ।*** (ଦହର୍:୯) ଏହା ମଧ୍ୟ ଜାଣିରଖ ଯେ ତାଆମ୍ (ଅର୍ଥାତ୍ ଖାଦ୍ୟ) ପସନ୍ଦ ଯୋଗ୍ୟ ଖାଦ୍ୟକୁ ହିଁ କୁହାଯାଏ । ସଢ଼ିଯାଇଥିବା ବାସି ଖାଦ୍ୟ ନୁହେଁ । ସୁତରାଂ ଯଦି ସେହି ପାତ୍ରରେ, ଯେଉଁଥିରେ ଏବେ ତାଜା ଖାଦ୍ୟ ଓ ସୁସ୍ୱାଦୁ ଏବଂ ପସନ୍ଦଯୋଗ୍ୟ ଖାଦ୍ୟ ରଖାଯାଇଅଛି ଓ ଖାଦ୍ୟ ଖାଇବା ଆରମ୍ଭ ହୋଇନାହିଁ; ଫକୀରର ମାଗିବାରେ ଦେଇ ଦିଆଯାଏ ତେବେ ଏହା ହେବ ପୂଣ୍ୟ ।

ବେକାର ଓ ନିକମା ବସ୍ତୁକୁ ଖର୍ଚ୍ଚ କରି କୌଣସି ବ୍ୟକ୍ତି ପୂଣ୍ୟ କରିବାର ଦାବି କରିପାରିବ ନାହିଁ । ପୂଣ୍ୟର ମାର୍ଗ ହେଉଛି ସୂକ୍ଷ୍ମ । ସୁତରାଂ ଏକଥା ଭଲଭାବେ ମନେରଖ ଯେ ନିକମା ଜିନିଷକୁ ଖର୍ଚ୍ଚ କରି କୌଣସି ବ୍ୟକ୍ତି ସେଥିରେ ପ୍ରବେଶ କରିପାରିବ ନାହିଁ । କାରଣ ପବିତ୍ର କୋରାନ୍‌ରେ ସ୍ପଷ୍ଟ ନିର୍ଦ୍ଦେଶ ଅଛି ***ଲନ୍ ତନାଲୁଲ୍ ବିର୍‌ରା ହତ୍‌ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍*** (ଆଲେ ଇମ୍‌ରାନ୍: ୯୩) ଅର୍ଥାତ୍ ଯେ ପର୍ଯ୍ୟନ୍ତ ପ୍ରୀୟରୁ ପ୍ରୀୟତମ ବସ୍ତୁକୁ ଖର୍ଚ୍ଚ ନ କରିଛ ଯେ ପର୍ଯ୍ୟନ୍ତ ପ୍ରୀୟତମ ହେବାର ପଦମର୍ଯ୍ୟାଦା ମିଳି ପାରିବ ନାହିଁ । ଯଦି କଷ୍ଟ ସହିବାକୁ ଚାହୁଁ ନାହଁ ଓ ବାସ୍ତବିକ ପୂଣ୍ୟକୁ ଗ୍ରହଣ କରିବାକୁ ଚାହୁଁନାହଁ ତେବେ କିପରି ସଫଳତା ଲାଭ କରିପାରିବ । ସାହାବା ମାନଙ୍କୁ ଯେଉଁ ପଦମର୍ଯ୍ୟାଦା ମିଳିଥିଲା, କ'ଣ ତାହା ମାଗଣାରେ ମିଳିଯାଇଥିଲା । ସାଂସାରିକ ପଦବୀକୁ ପାଇବା ପାଇଁ କେତେ ମାତ୍ରାରେ ଖର୍ଚ୍ଚ ଓ କଷ୍ଟ ଉଠାଇବାକୁ ପଡ଼ିଥାଏ, ତା'ପରେ ଯାଇ ଗୋଟିଏ ସାଧାରଣ ପଦବୀ ମିଳିଥାଏ, ଯହିଁରେ ହୃଦୟକୁ ଶାନ୍ତି ଓ ସାନ୍ତ୍ୱନା ଲାଭ ହୋଇ ନଥାଏ । ପୁଣି ଚିନ୍ତା କରିକି ଦେଖ ଯେ ରଜିୟଲ୍ଲାହୁ ଅନ୍‌ହୁମ୍ (ଅର୍ଥାତ୍ ଅଲ୍ଲାଃ ସେମାନଙ୍କ ଉପରେ ପ୍ରସନ୍ନିତ ହେଲେ)ର ପଦବୀ, ଯାହା ହୃଦୟକୁ ସନ୍ତୋଷ ଓ ମନକୁ ଶାନ୍ତି ପ୍ରଦାନକାରୀ ଓ ମୌଲା କରିମ୍ (ଅର୍ଥାତ୍ ଅଲ୍ଲାଃ)ଙ୍କ ପ୍ରସନ୍ନତା ର ଚିହ୍ନ ଅଟେ ତାହା କ'ଣ ଏମିତି ସହଜରେ ମିଳିଗଲା ?

କଥା ହେଉଛି ଏହା କି, ଖୁଦାଙ୍କ ପ୍ରସନ୍ନତା, ଯାହା ବାସ୍ତବିକ ଖୁସିର କାରଣ, ତାହା ସେ ପର୍ଯ୍ୟନ୍ତ ହାସଲ ହୋଇପାରେ ନାହିଁ ଯେପର୍ଯ୍ୟନ୍ତ ଅସ୍ଥାୟି ଦୁଃଖକଷ୍ଟ ବରଦାସ୍ତ ନ କରାଯାଇଛି । ଖୁଦାଙ୍କୁ ଠକା ଯାଇ ପାରେନା । ସେମାନଙ୍କୁ ଶୁଭେସ୍ୱା ଯେଉଁମାନେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଦୁଃଖ କଷ୍ଟକୁ ପରବାୟ କରୁନାହାନ୍ତି କାରଣ ନିତ୍ୟ ଆନନ୍ଦ ଏବଂ ସ୍ଥାୟୀ ଆରାମ୍‌ର ଆଲୋକ ଏହି ଅସ୍ଥାୟି ଦୁଃଖ ପରେ ମୋମିନ୍‌କୁ ହିଁ ମିଳିଥାଏ ।

### ସଚ୍ଚା ମୁସଲ୍‌ମାନ୍ କିଏ ?

ମୁଁ ଖୋଲିକି କହୁଛି କି ଯେ ପର୍ଯ୍ୟନ୍ତ ପ୍ରତ୍ୟେକ କଥାରେ ଅଲ୍ଲାଃ ତାଲାଙ୍କୁ ଆଗରେ ନ ରଖାଯାଇଛି ଏବଂ ହୃଦୟ ଭିତରକୁ ଝାଙ୍କି ନ ଦେଖାଯାଇଛି ଯେ ଇଏ ମୋର ବୋଲି ସେ ପର୍ଯ୍ୟନ୍ତ ଜଣେ ସଚ୍ଚା ମୋମିନ୍ ବୋଲାଇ ପାରିବ ନାହିଁ । ଯେପରି ଜଣେ ବ୍ୟକ୍ତି ତ ଆଲ୍ (ସର୍ବସାଧାରଣ) ରୂପେ ମୋମିନ୍ ବା ମସୁଲ୍‌ମାନ୍ ଅଟେ । ଯେମିତି ଜଣେ ଚମାରକୁ ମଧ୍ୟ ମୁସଲ୍ଲି ବା ମୋମିନ୍ କୁହାଯାଇଥାଏ ।

### ଇସ୍‌ଲାମ୍ ସେବାରେ ଗୌରବ ହାସଲ କରିବା ନିମନ୍ତେ ମାର୍ଗ

ଏବେ ମୁଁ ପୁଣି ନିଜ ପ୍ରଥମ ଉଦ୍ଦେଶ୍ୟ ଆଡ଼କୁ ଫେରୁଛି ଅର୍ଥାତ୍ ସାବିରୁ ୱ ରାବିତୁ (ଆଲେ ଇମ୍‌ରାନ୍: ୨୦୧) ଯେଉଁ ଭଳି ଶତ୍ରୁର ମୁକାବିଲା ପାଇଁ ସୀମାରେ ଘୋଡ଼ା ରହିବା ଜରୁରୀ ହୋଇଥାଏ ଯଦ୍ୱାରା ସେମାନେ ସୀମାରୁ ବାହାରି ପାରିବେ ନାହିଁ । ସେହିପରି ତୁମେମାନେ ମଧ୍ୟ ପ୍ରସ୍ତୁତ ରୁହ । ଏପରି ନ ହେଉ କି ଶତ୍ରୁ ସୀମାରେଖା ପାର କରି ଇସ୍‌ଲାମ୍‌କୁ କ୍ଷତି ପହଂଚାନ୍ତୁ । ମୁଁ ପୂର୍ବରୁ ମଧ୍ୟ ବର୍ଣ୍ଣନା କରିସାରିଛି ଯେ ଯଦି ତୁମେ ଇସଲାମର ସାହାଯ୍ୟ ଓ ସେବା କରିବାକୁ ଚାହୁଁଅଛ ତେବେ ସର୍ବପ୍ରଥମେ ନିଜେ ତକ୍‌ୱା ଅୱର୍ ତାହାରତ୍ (ଅର୍ଥାତ୍ ଧର୍ମପରାୟଣତା ଓ ପବିତ୍ରତା) ଅବଲମ୍ବନ କର ଯଦ୍ୱାରା ନିଜେ ତୁମେ ଈଶ୍ୱରଙ୍କ ଶରଣ ରୂପୀ କିଲା ମଧ୍ୟରେ ସୁରକ୍ଷିତ ରହିପାରିବା । ତା'ପରେ ପୁଣି ତୁମକୁ ସେହି ସୀମାର ସୌଭାଗ୍ୟ ଓ ହକ୍ ହାସିଲ ହେବ । ତୁମେ ଦେଖୁଅଛ ଯେ ମୁସଲମାନମାନଙ୍କ ବାହ୍ୟଶକ୍ତି କିପରି ଦୃବଳ ହୋଇସାରିଛି । ଅନ୍ୟ ଜାତିମାନେ ସେମାନଙ୍କୁ ଘୃଣା ଓ ନ୍ୟୁନ ଚକ୍ଷୁରେ ଦେଖୁଛନ୍ତି । ଯଦି ତୁମର ଅନ୍ତଃଶକ୍ତି ଓ ମନୋବଳ ମଧ୍ୟ ଦୃବଳ ଓ ନୀଚ ହୋଇଗଲା ତେବେ ପୁଣି ଜାଣ ଯେ ଶେଷ ହୋଇଗଲା । ତୁମେ ନିଜର ଅସ୍ତିତ୍ୱକୁ ଏପରି ପବିତ୍ର କର ଯେ କୁଦୁସି କୁୱ୍‌ୱତ (ଅର୍ଥାତ୍ ଐଶ୍ୱରୀୟ ଶକ୍ତି) ତା ମଧ୍ୟରେ ନିବେଶ କରୁ ଓ ତାହା ସୀମାରେ (ସଜାଗ ଥିବା) ଘୋଡ଼ା ସଦୃଶ ସୁଦୃଢ଼ ଓ ସୁରକ୍ଷିତ ହୋଇଯାଉ । ଈଶ୍ୱରଙ୍କ କୃପା ସର୍ବଦା ଧର୍ମପରାୟଣ ବ୍ୟକ୍ତି ଓ ସଦାଚାରୀଙ୍କ ସହିତ ରହିଥାଏ । ନିଜ ଚରିତ୍ର ଓ କାର୍ଯ୍ୟକଳାପକୁ ଏପରି କର ନାହିଁ ଯଦ୍ୱାରା ଇସ୍‌ଲାମ୍ ଉପରେ ଦାଗ ଲାଗୁଥିବ । କେଉଁ ମୁସଲମାନ ମଦ ପିଇ କେଉଁଠି ବାନ୍ତି କଲାଣି ଆଉ ତା ପଗଡ଼ି ଆସି ବେକରେ ଲାଗିଲାଣି । କେଉଁଠି ସେ ମଇଳା ନାଳ ନର୍ଦମାରେ ଯାଇ ପଡ଼ିଲାଣି । ପୋଲିସର ଜୋତାମାଡ଼ ଖାଇଲାଣି । ହିନ୍ଦୁ ଏବଂ ଖ୍ରୀଷ୍ଟିୟାନ୍ ତାକୁ ଦେଖି ହସିଲେଣି । ଏବେ ତା'ର ଏପରି ଶରିୟତି ବିରୋଧି କାର୍ଯ୍ୟ ଦ୍ୱାରା ସେ ଲୋକହସା ହୋଇନଥାଏ ବରଂ ଏହାର ପ୍ରଭାବ ଇସଲାମ ଉପରେ ପଡ଼ିଥାଏ ମତେ ଏପରି ଖବର ଓ ଜେଲ୍‌ଖାନାର ରିପୋର୍ଟକୁ ପଢ଼ି ଭିଷଣ ଦୁଃଖ ଲାଗିଥାଏ, ଯେବେ ମୁଁ ଦେଖିଥାଏ ଯେ ଏତେ ମାତ୍ରାରେ ମୁସଲମାନମାନେ ଖରାପ କାର୍ଯ୍ୟ କରିବା ଯୋଗୁଁ କୋପର ଶିକାର ହୋଇଛନ୍ତି (ଅର୍ଥାତ୍ ଦଣ୍ଡ ଭୋଗୁଛନ୍ତି) ଏହା ଦେଖି ମନ ଦୁଃଖରେ ବ୍ୟାକୁଳ ହୋଇଉଠୁଛି ଯେ, ଏହି ଲୋକମାନେ, ଯିଏ ସିରାତେ ମୁସ୍ତକିମ୍ (ଅର୍ଥାତ୍ ସିଧା ମାର୍ଗରେ) ଅଛନ୍ତି, ନିଜର କୁକର୍ମ ଦ୍ୱାରା ନିଜକୁ ହିଁ କ୍ଷତି ପହଂଚାଉନାହାନ୍ତି ବରଂ ଇସ୍‌ଲାମ୍‌କୁ ଉପହାସ କରାଉଛନ୍ତି । ଏହି କାରଣ ଯୋଗୁଁ କୌଣସି ଏକ ଜନଗଣନା ସମୟରେ ମିଷ୍ଟର ଏବେଟ୍‌ସନ୍ ସାହେବ ନିଜର ରିପୋର୍ଟରେ ବହୁତ କିଛି ଲେଖିଥିଲେ । ଏହା କହିବାର ଉଦ୍ଦେଶ୍ୟ ମୋର ଏତିକି ଯେ ମୁସଲମାନମାନେ ମୁସଲମାନ ବୋଲାଇ ସେହି ନିଷିଦ୍ଧ ଓ ଅବୈଧ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ଯାହା ନା କେବଳ ସେମାନଙ୍କୁ ବରଂ ଇସଲାମକୁ ସନ୍ଦିଗ୍ଧ କରିଦେଉଛି । ତେଣୁ ନିଜର ଚାଲିଚଳନ ଓ କାର୍ଯ୍ୟକଳାପକୁ ଏପରି କରିନିଅ ଯେ କୁଫାର୍ (ଅର୍ଥାତ୍ ଅମାନ୍ୟକାରୀ)କୁ ମଧ୍ୟ ତୁମ ଉପରେ (ଯେଉଁମାନେ ବାସ୍ତବରେ ଇସଲାମ ଉପରେ ପ୍ରତିଷ୍ଠିତ) ଆଲୋଚନା କରିବାକୁ ଅବସର ନ ମିଳୁ ।

*(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୬୩ ରୁ ୬୬ ମୁଦ୍ରଣ ୨୦୧୮ କାଦିୟାନ୍)*


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ଲୋକମାନେ ଭୁକିଲା ମରୁଛନ୍ତି, ସୁଡ଼ାନ୍ ଦେଶରେ, ସୋମାଲିଆରେ ବା ୟମନ୍ ଦେଶରେ ଏପରି ଗରିବ ଅଛନ୍ତି ସେମାନଙ୍କୁ ସାହାର୍ଯ୍ୟ କର । ଏକଥା କୁ ଅନୁଭବ କରିବା ପାଇଁ ଯେ, ଗୋଟିଏ ପଟେ ସୁନାପାତ୍ରରେ ଖାଉଥିବା ଲୋକେ ଅଛନ୍ତି ଓ ଅନ୍ୟପଟେ ଲୋକମାନେ ଭୋକିଲା ମରୁଛନ୍ତି । ଅଲ୍ଲାଃ ତାଲାଙ୍କୁ ନିଷ୍ଛଳତା ପସନ୍ଦ ତେଣୁ ଅଲ୍ଲାଃ ତାଲା ହଜରତ ମସିହ ମଉଦ ଆ:ସଙ୍କୁ କହିଲେ ଯେ, "ତୁମର ବିନୟ ସ୍ୱଭାବ ତାକୁ ପସନ୍ଦ ଆସିଲା" ତେଣୁ ବିନୟୀ ଭାବ ଅଲ୍ଲାଃ ତାଲାଙ୍କୁ ବହୁତ ପସନ୍ଦ ହୋଇଥାଏ ।

ହଜରତ ମସିହ ମଉଦ ଆ:ସ ନିଜର ଗୋଟିଏ ପଦ୍ୟରେ ମଧ କହିଛନ୍ତି ଯେ, ତୁମେମାନେ ନିଜକୁ ଲୋକମାନଙ୍କ ଅପେକ୍ଷା କମ୍ ବୋଲି ବିବେଚନା କର, ବିନମ୍ରତା ଦେଖାଅ । ଯଦି ତୁମେ ସୁନା ରୂପାର ପାତ୍ରରେ ଖାଦ୍ୟ ଖାଇଲ ତେବେ ତୁମ ଭିତରେ ଗର୍ବ, ଅହଂଙ୍କାର ଏବଂ ବେପରୁଆ ଭାବ ସୃଷ୍ଟି ହୋଇଯିବ । ଗର୍ବ ଓ ଅହଂଙ୍କାର ଭଲ କଥା ନୁହେଁ ଏହା ଅଲ୍ଲାଃ ତାଲାଙ୍କଠାରୁ ଦୁରକୁ ନେଇଯାଏ ।

ଆଉ ଜଣେ ୱାକିଫେ ନୌ କହିଲେ ଯେ, ପ୍ରୀୟ ହଜୁର ମୋର ପ୍ରଶ୍ନ ପଚାରିବାର ନାହିଁ କିନ୍ତୁ ମୁଁ ହଜୁର ଅନୱର ଅ:ବ:ଅଙ୍କର ହୃଦୟର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି ଯେ, ଏତେମାତ୍ରାରେ ବ୍ୟସ୍ତତା ଥିବା ସତ୍ୱେ ହଜୁର ଅନୱର ଅ:ବ:ଅ ସେହି ବ୍ୟସ୍ତତାରୁ ସମୟ ବାହାର କରି ଆମ ନିକଟକୁ ଆସିଛନ୍ତି ଏବଂ ଆମ ସହିତ ସମୟ ବିତାଇଛନ୍ତି । ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ଯଜାକମୁଲ୍ଲାଃ । ପୁଣି ହଜୁର ଅନୱର ଅ:ବ:ଅ ତାଙ୍କୁ ପଚାରିଲେ ଯେ, ତୁମେ ଏଠାକୁ କେବେ ଆସିଥିଲ ଏହାର ଉତରରେ ସେ କହିଲେ ପନ୍ଦର ବର୍ଷ ହୋଇଗଲାଣି ଏହା ଶୁଣି ହଜୁର ଅନୱର ଅ:ବ:ଅ କହିଲେ ଯେ, ପନ୍ଦର ବର୍ଷରେ ତୁମେ ନିଜର ଉର୍ଦ୍ଦୁ ଓ ସ୍ୱରକୁ ଠିକ୍ଠାକ୍ ରଖିଛ ।

ୱାକିଫିନେ ନୌଙ୍କ ସହିତ ଏହି କ୍ଲାସ ୯:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ଶେଷରେ ହଜୁର ଅନୱର ଅ:ବ:ଅ ସେଠାରେ ଉପସ୍ଥିତ ହୋଇଥିବା ସମସ୍ତ ୱାକଫିନେ ନୌ ପିଲାମାନଙ୍କୁ ଜଣ ଜଣ କରି ଯାଏ ନାମଜ୍ (ନମାଜ୍ ପଢ଼ିବାପାଇଁ ଥିବା କପଡ଼ା) ପ୍ରଦାନ କଲେ । ଏହାପରେ ହଜୁର ଅନୱର ଅ:ବ:ଅ ମଗ୍ରିବ୍ ଓ ଇଶା ନମାଜ୍ ଯମାକରି ପଢ଼ାଇଲେ ନମାଜ୍ ପାଠପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । କ୍ରମଶଃ........

*(ଅଖ୍‌ବାର ବଦର୍ ଉର୍ଦ୍ଦୁ ୧୪ ମାର୍ଚ୍ଚ / ୪ ଏପ୍ରିଲ୍ ୨୦୧୯)*

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୯ ର ଅବଶିଷ୍ଟାଂଶ.....*

ମୋର ଏହି ଆଶାକୁ ପୂରଣ କରନ୍ତୁ ।

ପୁଣି ଫୱାଦ୍ ସାହେବ କହୁଛନ୍ତି ଯେ, ଯମାତ୍ ସହିତ ପରିଚୟ ହେବା ପୂର୍ବରୁ ମୁଁ ଅଲ୍ଲାଃ ତାଲାଙ୍କ ମହାନତା ସମ୍ବନ୍ଧରେ ଚିନ୍ତା କରୁଥିଲି ଓ ମୁସଲମାନମାନଙ୍କ ଅବସ୍ଥା ଉପରେ ଦୃଷ୍ଟି ନିକ୍ଷେପ କରୁଥିଲି ଯାହା ଦିନକୁ ଦିନ ଖରାପ ଅବସ୍ଥାକୁ ଚାଲିଯାଉଥିଲା ତେଣୁ ଏ କଥା ଚିନ୍ତା କରୁଥିଲି ଯେ, ସେମାନଙ୍କର ଅବସ୍ଥା କେବେ ଠିକ୍ ହେବ । ପୁଣି ଯେତେବେଳେ ମୁଁ ଜର୍ମାନୀ ଆସିଲି ତ ସେଠାରେ ୟୁରୋପରେ ଥିବା ଆରବୀୟ ବନ୍ଧୁମାନଙ୍କୁ ଦେଖି ଏ କଥା ଚିନ୍ତା କରୁଥିଲି ଯେ କ'ଣ ଏମାନଙ୍କ ଜରିଆରେ ଦିନେ ଇସଲାମ ୟୁରୋପରେ ବ୍ୟାପିବ ଯେପରି କି, ହଦିସ୍‌ରେ ଆସୁଛିଯେ, ଶେଷ ଯୁଗରେ ୟୁରୋପରେ ଇସଲାମ ବ୍ୟାପି ଯିବ । ଏହି ଅବଧିରେ ଜଣେ ଅହେମଦୀ ବନ୍ଧୁ ମାହିରଲ୍ ମାଆନିଙ୍କ ସହିତ ମୋର ସାକ୍ଷାତ ହେଲା ସେ ଯମାତ୍ ସମ୍ବନ୍ଧରେ ମୋତେ ବତାଇବା ଆରମ୍ଭ କଲେ । ପ୍ରାରମ୍ଭରେ ତ ମୁଁ ତାଙ୍କର ବିରୋଦ୍ଧ କଲି କିନ୍ତୁ ଯମାତ୍‌ର ପୁସ୍ତକ ଗୁଡ଼ିକ ଅଧ୍ୟୟନ କଲାପରେ ମୁଁ ଜଲ୍‌ସାରେ ଯୋଗ ଦେବାପାଇଁ ମନସ୍ତ କଲି । ମୁଁ ଜଲ୍‌ସା ଦେଖିଲି ଓ ଭାବିଲି ଯେ ଏତେ ମାତ୍ରାରେ ଲୋକମାନେ କିପରି ଜଣେ ବ୍ୟକ୍ତିଙ୍କ ହାତରେ ଏକତ୍ରିତ ହୋଇଗଲେ ଓ ଆପୋଷରେ ପ୍ରେମ ଓ ସୌହାର୍ଦ୍ଦ୍ୟର ସମ୍ପର୍କ ମଧ ପ୍ରତିଷ୍ଠା ହୋଇଗଲା । ତେଣୁ ମୁଁ ତହ୍‌ଯୁଦ୍ ନମାଜରେ ବହୁତ ଦୁଆ କଲି ଯେ, ହେ ଅଲ୍ଲାଃ ! ଯଦି ଏ ଯମାତ ହେଉଛି ସତ୍ୟ ତେବେ ମୋତେ ଏହି ଜଲ୍‌ସାରେ ବୟତ କରିବା ପାଇଁ ସୌଭାଗ୍ୟ ପ୍ରଦାନ କର (ଏହା ୨୦୧୮ ମସିହାର କଥା) ସୁତରାଂ ଏହି ଜଲ୍‌ସାରେ ମୋ ମନ ଶାନ୍ତ୍ୱନା ପାଇଲା ଓ ମୁଁ ବୟତ କରିନେଲି । କିନ୍ତୁ ମୋ ସ୍ତ୍ରୀ ବୟତ କରିବା ପାଇଁ ଅସ୍ୱୀକାର କରିଦେଲେ । ମୁଁ ତାଙ୍କୁ ବୁଝାଇଲି ଯେ, ତୁମେ ଏ ପୁସ୍ତକଗୁଡ଼ିକ ପଢ଼ ଓ ଖୁଦାଙ୍କ ଠାରୁ ଇସ୍‌ତେଖାରା (ଅର୍ଥାତ୍ ଏହା ସଠିକ୍ କି ନୁହେଁ ତାହା ଜାଣିବା ପାଇଁ ପ୍ରାର୍ଥନା) କର । ତିନିମାସ ପରେ ମୋ ସ୍ତ୍ରୀ ଇସ୍‌ତେଖାରା କଲେ ଓ ସେ ସ୍ୱପ୍ନରେ ଦେଖିଲେ ଯେ ବହୁ ସଂଖ୍ୟକ ଲୋକ ଗୋଟିଏ ସ୍ଥାନରେ ଏକତ୍ରୀତ ହୋଇଛନ୍ତି ଓ ଗୋଟିଏ ଧଳାରଙ୍ଗର କପୋତ ତାଙ୍କ ମଧରେ ଉପସ୍ଥିତ ଅଛି । ମୋ ସ୍ତ୍ରୀ ମୋତେ ପଚାରିଲେ ଯେ,ଏହି କପୋତ କ'ଣ ଅଟେ ସେଠାରେ ଉପସ୍ଥିତ ଥିବା ଜଣେ ବ୍ୟକ୍ତି କହିଲେ ଏହି କପୋତଟି ଇସ୍‌ଲାମକୁ ପ୍ରଚାର ପ୍ରସାର କରିବା ପାଇଁ କୁଦୁସ୍ ଇଲାକାକୁ ଆସିଛି । ଏହି ସ୍ୱପ୍ନଟି ମୋ ସ୍ତ୍ରୀର ହୃଦୟକୁ ଖୋଲିଦେଲା ଏବଂ ସେ ଏହି ଜଲ୍‌ସାରେ ଅର୍ଥାତ୍ ୨୦୧୯ ମସିହା ଜଲ୍‌ସାରେ ସାମିଲ ହେଲେ ଓ ବୟତ ମଧ କଲେ । ପୁଣି ସେ କହୁଛନ୍ତି ମୁଁ ଏ କଥାରେ ବହୁତ ଖୁସି ଯେ, ଅଲ୍ଲାଃ ତାଲା ମୋର ପୁରା ପରିବାରକୁ ହଜରତ ମସିହ ମଉଦ ଆ:ସଙ୍କ ବୟତରେ ଦାଖିଲ ହେବା ପାଇଁ ସୌଭାଗ୍ୟ ଦେଲେ । ତେଣୁ ଏବେ ମୁଁ ମୋର ସମସ୍ତ ନିକଟ ସମ୍ପର୍କୀୟଙ୍କୁ ମଧ ତବ୍‌ଲିଗ କରିବି ।

ଅଷ୍ଟ୍ରେଲିଆ ସହିତ ସମ୍ପର୍କ ରଖିଥିବା ଜଣେ ମହିଳା ଅତିଥି ଶ୍ରୀମତି ଫାତିମା ସାମିର୍ ସାହିବା କହୁଛନ୍ତି ଯେ, ମୁଁ ଜର୍ମାନୀ ଜଲ୍‌ସା ଅବସରରେ ୭ ଜୁଲାଇ ଦିନ ବୟତ କରିଛି ଓ ମୁଁ ଦୁଆ କରିବା ପାଇଁ ନିବେଦନ କରୁଛି ଯେ, ଦୁଆ କରନ୍ତୁ କି, ମୋ ବୟତ ବାବରକତ୍ ହେଉ ଓ ମୋର କୌଣସି ଭୁଲ୍ ମୋର ଏହି ବୟତର ବନ୍ଧନକୁ ଭାଙ୍ଗି ନ ଦେଉ । ଈଶ୍ୱର କରନ୍ତୁ କି, ମୁଁ ନିଜର ଭିତରେ ଏପରି ପରିବର୍ତନ ସୃଷ୍ଟି କରିନିଏ ଯାହାର ଚର୍ଚ୍ଚା ହଜରତ ମସିହ ମଉଦ ଆ:ସ ପୁସ୍ତକ ଇସଲାମି ଉସୁଲ୍ କି ଫଲାସଫିରେ କରିଛନ୍ତି । ପୁଣି କହୁଛନ୍ତି ମୁଁ ନିଜ ପରିବାର ବର୍ଗଙ୍କ ସହିତ ୨୦୧୧ ମସିହାରୁ ଅହେମଦି ହୋଇସାରିଛି । କିନ୍ତୁ ବୟତ ଫର୍ମ ପୁରଣ କରିନଥିଲି ଏହା ସତ୍ୱେ ମଧ ମୁଁ ନିଜକୁ ଅହେମଦିରୂପେ ବିବେଚନା କରୁଥିଲି । ସେ ପୁଣି କହୁଛନ୍ତି ୨ବର୍ଷ ପରେ ମୋର ବୟସ ୧୮ ବର୍ଷ ହୋଇଯିବ । ପିଲାଦିନୁ ମୋର ଏ ଅଭିଳାଷ ଥିଲା ଯେ ମୁଁ ନିଜେ ଯାଇ ବୟତ କରିବି । ମୁଁ ୨୦୧୧ ମସିହାରୁ ନିଜର ବୟତ ଫର୍ମକୁ ସୁରକ୍ଷିତ କରି ରଖିଥିଲି ଯଦ୍ୱାରା ନିଜେ ଏହାକୁ ଉପସ୍ଥାପନ କରିପାରିବି ଓ ଆପଣଙ୍କ ହାତରେ ନିଜେ ଯାଇ ବୟତ କରିବି । ସୁତରାଂ ଏ ବର୍ଷ ଉକ୍ତ ଅଭିଳାଷ ପୂରଣ ହୋଇଗଲା । ହଜୁର ଅନୱର କହୁଛନ୍ତି ଏବେ ସେ ଫର୍ମ ପୁରଣ କରିବା ପୂର୍ବରୁ ହିଁ ଅତିଥିମାନଙ୍କୁ ମଧ ତବଲିଗ୍ କରୁଛନ୍ତି ତେବେ ଦେଖନ୍ତୁ ଅଲ୍ଲାଃ ତାଲା ନବ ଯୁବକ / ଯୁବତୀମାନଙ୍କ ହୃଦୟକୁ ମଧ ଖୋଲି ଦେଉଛନ୍ତି ।

ଜଣେ କୁର୍ଦ୍ଦୁ ଝିଅ ନିଜର ମନୋଭାବକୁ ପରିପ୍ରକାଶ କରି କହୁଛନ୍ତି ଯେ, ମୋ ମା ଅହେମଦୀୟତ ଗ୍ରହଣ କରିଥିଲେ କିନ୍ତୁ ସେ ସମୟରେ ମୁଁ ଏଥିପ୍ରତି ପ୍ରସ୍ତୁତ ନଥିଲି ଏବେ ବିଗତ କିଛି ମାସ ହେବ ମୋର ସମସ୍ତ ଶଙ୍କା ଦୁର ହେଲା କାରଣ ମୁଁ ଅହେମଦୀମାନଙ୍କ ମଧରେ ଆପୋଷ ପ୍ରେମ ଭାବ ଦେଖିବାକୁ ପାଇଲି ଏବଂ ଆଜି ଆପଣଙ୍କ ଅଭିଭାଷଣ ଶୁଣିବା ଦ୍ୱାରା ମୋର ସମସ୍ତ ଶଙ୍କା ଦୁର ହୋଇଗଲା । ବିଗତ ବର୍ଷ ମୁଁ ମଧ ଆସିଥିଲି କିନ୍ତୁ ଆଜି ପରିକା ଅବସ୍ଥା ସେତେବେଳେ ମୋର ନଥିଲା । ମୋ ମା' ବହୁତ ଖୁସୀ ହେବେ କାରଣ ଏବେ ମୋତେ ଭୀଷଣ ରୂପେ ଏ ଅନୁଭବ ହେବାକୁ ଲାଗିଛି ଯେ, ମୋତେ ଏବେ ଅହେମଦୀ ହୋଇଯିବା ଉଚିତ ।

ଜର୍ଜିୟା ଦେଶର ଜଣେ ଓକିଲ ଯିଏ ୟୁନିଭର୍ସିଟିରେ ଜଣେ ଲେକ୍‌ଚରର ଅଛନ୍ତି ସେ ମଧ ଆସିଛନ୍ତି ସେ କହୁଛନ୍ତି କି, ବୟତ ଉତ୍ସବର ଯେଉଁ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହେଲ ତାହାକୁ ଦେଖି ମୁଁ ବହୁତ ପ୍ରଭାବିତ ହୋଇଛି ଓ ଏହା ଏକ ଚମତ୍କାର ଥିଲା । ସେ ବାରମ୍ବାର ଏକଥା କହୁଥିଲେ କି ଏହା ଏକ ଐସି ଚମତ୍କାର ଥିଲା ପୁଣି ସେ କହୁଛନ୍ତି ଯେ, ଏ ଯମାତ୍‌ରେ ଆପୋଷ ପ୍ରେମ ଓ ସୌହାର୍ଦ୍ଦ୍ୟ ମାତ୍ରାଧିକ ରହିଛି । ମୁଁ ଏକଥାକୁ ଏଠାରେ ଦେଖିବାକୁ ପାଇଛି ଯେ, ଆପଣମାନଙ୍କ ଚେହେରାରେ ସଦାସର୍ବଦା ହସ ଚହଟୁଛି ।

ଅଲ୍ଲାଃ ତାଲା ଏହି ସମସ୍ତ ବୟତ (ଅର୍ଥାତ ଦିକ୍ଷା ଗ୍ରହଣ କରିଥିବା) ଲୋକମାନଙ୍କ ନିଷ୍ଠା, ପ୍ରେମ, ବିଶ୍ୱାସ ଏବଂ ଭକ୍ତିଭାବରେ ଉନ୍ନତି ପ୍ରଦାନ କରିଚାଲନ୍ତୁ ଏବଂ ଆମ ସମସ୍ତଙ୍କୁ ମଧ ଏ ଜଲ୍‌ସାର ବରକାତ୍‌ରୁ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ସେହିପରି ମସିହ ମଉଦ ଆ:ସଙ୍କ ଦୁଆ (ଅର୍ଥାତ ପ୍ରାର୍ଥନା)ର ଉତରାଧିକାରୀ ବନାନ୍ତୁ ।

ମିଡ଼ିଆ ମାଧ୍ୟମରେ ଏ ବର୍ଷ ଜର୍ମାନୀରେ ମୋଟ ୧୩ ମିଡ଼ିଆ ଆଉଓଲେଟ୍‌ସ ଜରିଆରେ ଓ ଏତଦ୍‌ବ୍ୟତୀତ ପୁଣି ସୋଶିଆଲ ମିଡ଼ିଆର ମାଧ୍ୟମ ସାଇଟ୍‌ସ ଗୁଡ଼ିକରେ ମଧ ଜଲ୍‌ସାକୁ କଭ୍‌ରେଜ୍ ଦିଆଯାଇଛି । ଇଟାଲୀ, ଚୀନ୍ ଏବଂ ସ୍ଲୋଭାକିଆର ଅନ୍‌ଲାଇନ୍ ଖବରକାଗଜ ଗୁଡ଼ିକରେ ଖବର ପ୍ରସାର ହୋଇଛି । ତାଙ୍କ ଅନୁମାନ ମୁତାବକ ଏହା ଦ୍ୱାରା ୨ କୋଟି ୨୬ ଲକ୍ଷ ଲୋକମାନଙ୍କ ନିକଟରେ ଏହି ବାର୍ତା ପହଂଚିଛି । ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ମାଧ୍ୟମରେ ମଧ ବିଭିନ୍ନ ପ୍ରକାରର ପ୍ରୋଗ୍ରାମ ମଧ ଆସିଥାଏ । ଏହା ଏକ ସପ୍ତାହ ପର୍ଯ୍ୟନ୍ତ ଜାରୀ ରହିବ ଓ ତାଙ୍କର ଧାରଣା ଯେ, ତା ମାଧ୍ୟମରେ ମଧ ଏକ ମିଲିଅନ୍ ଲୋକଙ୍କ ନିକଟରେ ଖବର ପହଂଚିବ । ଯେଉଁ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ କଥା ଏଠାରେ ମୁଁ କହିଲି, ତାହା ଏବେ ଚାଲୁ ରହିଛି । ଆଫ୍ରୀକାରେ ଏମ୍.ଟି.ଏ ଆଫ୍ରିକା ଜରିଆରେ ତାଙ୍କୁ ପରିଚୟ ପ୍ରାପ୍ତ ହୋଇଛି । ସେଠାରେ ମଧ ଜଲ୍‌ସାର ପ୍ରୋଗ୍ରାମ ଗୁଡ଼ିକୁ ପଦର୍ଶିତ କରାଯାଇଛି ଏବଂ ଜର୍ମାନୀ ଜଲ୍‌ସା ପ୍ରସଙ୍ଗରେ ଯେଉଁ ରିପୋର୍ଟଗୁଡ଼ିକ ତିଆରି କରି ପଠାଯାଇଥିଲା ସେଗୁଡ଼ିକୁ ସେଠାରେ ଘାନାର ଜାତୀୟ ଟିଭିରେ ପଦର୍ଶିତ କରାଗଲା । ଗାମ୍ବିୟା ଦେଶର ଜାତୀୟ ଟେଲିଭିଜନରେ ପଦର୍ଶିତ କରାଗଲା । ରୱାଣ୍ଡର ଜାତୀୟ ଟେଲିଭିଜନ ମାଧ୍ୟମରେ ପଦର୍ଶିତ ହେଲା । ସେହିପରି ଉକ୍ତ ପ୍ରୋଗ୍ରାମ ଗୁଡ଼ିକ ସିରିଆଲିଓନ୍ ଏବଂ ୟୁଗାଣ୍ଡା ଦେଶର ଜାତୀୟ ଟେଲିଭିଜନ ମାଧ୍ୟମରେ ପଦର୍ଶିତ କରାଯାଇଛି ।

ଅଲ୍ଲାଃ ତାଲାଙ୍କ କୃପା ବଳରୁ ସାରା ପୃଥିବୀରେ ଏହି ଜଲ୍‌ସା ପ୍ରସଙ୍ଗରେ ବହୁତ ବ୍ୟାପକ ରୂପେ ଯମାତ୍‌ର ପରିଚୟ କରାଯାଇଛି । ଅଲ୍ଲାଃ ତାଲା ପ୍ରତି କ୍ଷେତ୍ରରୁ ଏହାକୁ ବାବର୍‌କତ୍ କରାନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

## ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୨୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

# : ଖୁତ୍‌ବା ଜୁମା :

ଏ ସଂସାର ଦେଖୁଅଛି ଯେ, ଇସଲାମ ଇନ୍‌ଶାଅଲ୍ଲାଃ ଅହେମଦୀୟତ ଜରିୟାରେ ପ୍ରଚାର ପ୍ରସାର କରିବ

ଆମେ ଅଲ୍ଲାଃ ତାଲାଙ୍କ କୃତଜ୍ଞତାରେ ଆଗକୁ ବଢ଼ି ନିଜ ଆଡୁ ନିଜର ଚେଷ୍ଟାକୁ ବଢ଼ାଇବା ଉଚିତ ଯଦ୍ୱାରା ଅଲ୍ଲାଃ ତାଲାଙ୍କର କୃପା ଓ ବଦାନ୍ୟତା ବଢ଼ି ଚାଲିବ

ଆମର ଏହି ଜଲ୍‌ସା ଆମର ତର୍‌ବିୟତ୍ କରିବା ବ୍ୟତିତ ତବ୍‌ଲିଗ୍‌ର ମଧ ବହୁତ ବଡ଼ ମାଧ୍ୟମ ଅଟେ

ଏହି ପରିବେଶ ଆମ ପାଇଁ ଅସ୍ଥାୟୀ ପରିବେଶ ହୋଇ ନ ରହିଯାଉ ବରଂ ଆମ ଜୀବନର ପ୍ରତ୍ୟେକ କ୍ଷଣ ଇସଲାମର ସୁନ୍ଦର ଶିକ୍ଷାକୁ ଆମର ପ୍ରତ୍ୟେକ କାର୍ଯ୍ୟରେ ଦୃଷ୍ଟିଗୋଚର ହେଉ ।

ଜର୍ମାନ ଯମାତ୍‌ର ନିଷ୍ଠା, ଭକ୍ତି ଓ ତାଙ୍କର ଉତ୍ସର୍ଗିକୃତ ମନୋଭାବକୁ ଦେଖି ମଧ ମୁଁ କହିପାରେ ଯେ, ଯଦି ଏହି (ନୂତନ ସ୍ଥାନ କ୍ରୟ) ନିମନ୍ତେ କିଛିଟା ମାଲି କୁର୍‌ବାନୀର ଆବଶ୍ୟକତା ପଡୁଛି ତେବେ ଯମାତ୍ ଇନ୍‌ଶାଅଲ୍ଲାଃ ଏହି କୁର୍‌ବାନୀ କରିବ ଅଲ୍ଲାଃ ତାଲା ସେମାନଙ୍କର ଶକ୍ତି ଓ ସାମର୍ଥ୍ୟକୁ ବଢ଼ାନ୍ତୁ ।

ନା କେବଳ କର୍ମୀମାନେ ବରଂ ଜଲ୍‌ସାର ସାମିଲ ହୋଇଥିବା ପ୍ରତ୍ୟେକ ଅହେମଦୀ ଅନ୍ୟମାନଙ୍କ ନିମନ୍ତେ ନିଜର ଚରିତ୍ର ଓ ଆଚାର ବ୍ୟବହାର ଯୋଗୁଁ ନିରବ ତବ୍‌ଲିଗ୍‌ର ମାଧ୍ୟମ ହୋଇଥାନ୍ତି ।

''ଆପଣ ସମସ୍ତ ସମସ୍ୟାଗୁଡ଼ିକୁ ବର୍ଣ୍ଣନା କରିବା ପରେ ଧର୍ମ ମଧ୍ୟରୁ ଏହାର ସମାଧାନ ଉପସ୍ଥାପନ କଲେ ଓ ବତାଇଲେ ଯେ, ଏହି ସମସ୍ତ ସମସ୍ୟାର ସମାଧାନ ଈଶ୍ୱରଙ୍କୁ ଚିହ୍ନିବାରେ ହିଁ ହେବ । ଆପଣ ଏକଥା ପ୍ରମାଣ କରିଦେଲେ ଯେ, ଧର୍ମ ସମସ୍ୟା ନୁହେଁ ବରଂ ସମସ୍ୟାଗୁଡ଼ିକର ସମାଧାନ ଅଟେ ।

ମୁଁ ଅତ୍ୟନ୍ତ କୃତଜ୍ଞତାର ସହିତ ଏକଥାର ସାକ୍ଷ୍ୟ ଦେଉଅଛି ଯେ, ମୁଁ ଏପରି ଲୋକମାନଙ୍କୁ ଏଠାରେ ଦେଖିଛି ଯେଉଁମାନଙ୍କର ଈଶ୍ୱରଙ୍କ ଉପରେ ବିଶ୍ୱାସ ଏବଂ ଇମାନ୍ ବହୁତ ମଜ୍‌ଭୁତ୍ ରହିଛି । ମୁଁ ଆଶା କରିବି ଯେ ଆପଣ ଏହି ପୂଣ୍ୟ କାର୍ଯ୍ୟକୁ ଜାରି ରଖିବେ ଓ ଏ କାର୍ଯ୍ୟକୁ ଅଧିକା ଧ୍ୟାନର ସହିତ ପୁରଣ କରିବେ ଓ ପୁଣି ଏପରି ଏକ ସମୟ ଆସିବ ଯଦ୍ୱାରା ଲୋକମାନେ ଏହା ଜାଣିପାରିବେ ଯେ, ଜୀବନର ଅସଲ ଉଦ୍ଦେଶ୍ୟ ଓ ମୂଲ୍ୟ କ'ଣ''

''ଯେଉଁ ପ୍ରେମ ଭାବ ଏବଂ ମାନବତାର ସମ୍ମାନ, ସମାନତା ଓ ଭାଇଚାରା ଏଠାରେ ଆସି ମୁଁ ଦେଖିବାକୁ ପାଇଲି ମୁଁ ମୋ ଜୀବଦସାରେ ଏପରି କେବେ ଦେଖିନାହିଁ ଏବଂ ନା କୌଣସି ପ୍ରୋଗ୍ରାମରେ ଏପରି ଦେଖିବାକୁ ମିଳିଛି''

''ମୁଁ ଧର୍ମ ଜ୍ଞାନ ଆହାରଣ କରୁଅଛି, ଏ ଜଲ୍‌ସାରେ ପ୍ରଥମ ଥର ସାମିଲ ହୋଇଛି ଏବଂ ମୋର ବିଶ୍ୱାସ ଅଛି ଯେ, ଏ ଜଲ୍‌ସା ଶାନ୍ତି ହାସଲ କରିବା ପାଇଁ ହେଉଛି ଗୋଟିଏ ଉତମ ମାଧ୍ୟମ''

''ଆମେ ନିଜର ଅନୁଭୁତି ଦ୍ୱାରା ଏହା କହିପାରିବୁ ଯେ, ଇସ୍‌ଲାମୀୟ ଶିକ୍ଷା ଅତ୍ୟନ୍ତ ଗଭୀର ଓ ବୁଦ୍ଧିମତାରେ ପରିପୂର୍ଣ୍ଣ ଏବଂ ମହିଳାମାନେ ଅଲଗା ସ୍ଥାନରେ ଅତ୍ୟନ୍ତ ଆରାମ ଓ ଶାନ୍ତି ଅନୁଭବ କରୁଛନ୍ତି ଓ ସେମାନଙ୍କୁ ନିଜ ନିଜର ବ୍ୟବସ୍ଥାକୁ ସମ୍ଭାଳିବା ଓ ନିଜ ନିଜର ଯୋଗ୍ୟତାକୁ ପରିପ୍ରକାଶ କରିବା ପାଇଁ ବ୍ୟାପକ ଅବସର ମିଳୁଅଛି ।''

''ଯଦି କେବେ ପୂର୍ଣ୍ଣବାର ଏ ଜଲ୍‌ସାରେ ସାମିଲ ହୁଏ ତେବେ ସବୁତକ ସମୟ ମହିଳାମାନଙ୍କ ମାରିକି ଭିତରେ ବିତାଇବି କାରଣ ସେଠାରେ ଯେଉଁ ପରିବେଶ ଉପଲବ୍ଧ ହେଲା ତାହା ବହୁତ ହିଁ ଧାର୍ମିକ ଓ ଆଧାତ୍ମିକ ଥିଲା''

''ବୟତ କରିବା ସମୟରେ ଏପରି ଲାଗିଲା ଯେପରି ମୋ ଉପରେ ଥଣ୍ଡା ପାଣି ପଡୁଅଛି ଓ ଏବେ ମୁଁ ଅସଲ ଓ ପ୍ରକୃତ ମୁସଲମାନ ହୋଇଯାଇଛି''

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୨ ଜୁଲାଇ ୨୦୧୯ ଅନୁଯାୟୀ ୧୨ ୱଫା ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ବିଗତ ଦିନ ଅଲ୍ଲାଃ ତାଲାଙ୍କ ଦୟା ବଳରୁ ଯମାତ୍ ଅହେମଦୀୟା ଜର୍ମାନୀର ଜଲ୍‌ସା ସାଲାନା ଈଶ୍ୱରଙ୍କ ସମସ୍ତ କୃପାକୁ ସାଉଂଟି ପରିସମାପ୍ତି ହୋଇଛି । ଅଲ୍ଲାଃ ତାଲାଙ୍କ କୃପାରୁ ଯେପରି କି ମୁଁ ଜଲ୍‌ସାର ଶେଷ ଦିନ ଏ କଥା ମଧ କହିଥିଲି, ସେଠାରେ ଉପସ୍ଥାନ ମଧ ଚାଳିଶି ହଜାର ଉପରେ ଥିଲା ଏପରି ଉନ୍ନତି ଆମେ ପ୍ରତ୍ୟେକ ବର୍ଷ ଦେଖୁଅଛୁ । ଏହା କେବଳ ଓ କେବଳ ଅଲ୍ଲାଃଙ୍କ କୃପା ଅଟେ ଯିଏ ଆମ କାମ ଗୁଡ଼ିକୁ ଓ ଆମର ସମସ୍ତ ଚେଷ୍ଟାଠାରୁ ବଳି ପ୍ରଦାନ କରୁଛନ୍ତି ତେଣୁ ଆମେ ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଜ୍ଞାପନ କରି ଆମର ସେହି ଚେଷ୍ଟାକୁ ଆହୁରି ଅଧିକା ବଢ଼ାଇବା ଉଚିତ ହେବ ଯଦ୍ୱାରା ଅଲ୍ଲାଃ ତାଲାଙ୍କର ଏହି କୃପା ଓ ବଦାନ୍ୟତା ବଢ଼ିଚାଲିବ ।

ଜଲ୍‌ସାରେ ସାମିଲ ହୋଇଥିବା ଶହ ଶହ ଅଣଯମାତିୟ ଲୋକେ ଓ ଅଣମୁସଲମାନ ଅତିଥିମାନେ ଏକଥା କୁ ମଧ ପରିପ୍ରକାଶ କରିଛନ୍ତି ଯେ, ଏଠାରେ ଏକ ଅସାଧାରଣ ପରିବେଶ ଏବଂ ଏକ ଅସାଧାରଣ ପ୍ରଭାବ ଦେଖିବାକୁ ମିଳିଛି । ଆମ ନିଜ ଲୋକମାନେ ତ ଏ କଥା ପ୍ରକାଶ କରୁଛନ୍ତି କିନ୍ତୁ କିଭଳି ସମସ୍ତ କର୍ମି ଏପରି କି ଛୋଟ ଛୋଟ ପୁଅଝିଅ କାମ କରୁଛନ୍ତି ଓ କିଭଳି ଏତେ ସଂଖ୍ୟକ ଲୋକେ ବିନା କୌଣସି ଝଗଡ଼ାଝାଂଟି ଓ ବିଭ୍ରାଟରେ ଏକାଠି ରହୁଛନ୍ତି ଏହା ଅନ୍ୟମାନଙ୍କ ନିକଟରେ ଏକ ଚମତ୍କାର ଅସାଧାରଣ କଥା ବରଂ କିଛି ଲୋକେ ତ ଏକଥା ପ୍ରକାଶ କରିଛନ୍ତି ଯେ, ଏହା ହେଉଛି ଏକ ଐଶି ଚମତ୍କାରିତା । ସୁତରାଂ ଆମର ଏହି ଜଲ୍‌ସା ଆମକୁ ସୁଶିକ୍ଷା ଦେବା ସହିତ ତବ୍‌ଲିଗ୍ କରିବାର ମଧ ବହୁତ ବଡ଼ ସାଧନ ହୋଇଯାଇଛି । ସୁତରାଂ ଏହି ସବୁ କଥା ଆମଠାରୁ ଏହା ଆଶା କରୁଛି ଯେ, ଆମେ ଖୁଦାତାଲାଙ୍କ କୃତଜ୍ଞତାରେ ବଢ଼ି ଚାଲିବା ଏବଂ ଏହି ପରିବେଶ ଆମର ଅସ୍ଥାୟୀ ପରିବେଶ ନ ହେଉ ବରଂ ଆମ ଜିବନର ପ୍ରତ୍ୟେକ କ୍ଷଣ ଇସଲାମର ସୁନ୍ଦର ଶିକ୍ଷାକୁ ଆମର ପ୍ରତ୍ୟେକ କାର୍ଯ୍ୟରେ ପଦର୍ଶିତ କରାଉ ଏବଂ ଆମେ ହଜରତ ମସିହ ମଉଦ ଆ:ସଙ୍କ ବୟତରେ ଆସିବାର ଉଦ୍ଦେଶ୍ୟକୁ ସର୍ବଦା ପୂରଣ କରୁ ।

ସାଧାରଣତ ମୁଁ ଜଲ୍‌ସା ପରେ ଅତିଥିମାନଙ୍କର ମନୋଭାବ ଏବଂ ଜଲ୍‌ସା ସମ୍ବନ୍ଧରେ କିଛି କଥା ଚର୍ଚ୍ଚା କରିଥାଏ । ଆଜି ମୁଁ ତାହା ଉପସ୍ଥାପନ କରିବି କିନ୍ତୁ ଏହା ପୂର୍ବରୁ ମୁଁ କାମ କରିଥିବା କର୍ମୀଗଣ (ଅର୍ଥାତ୍ ସମସ୍ତ ପୁରୁଷ ଓ ମହିଳା କର୍ମୀ)ଙ୍କର ମଧ କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି ଯେଉଁମାନେ ରାତିଦିନ ଏକାଠି କରି ଜଲ୍‌ସାର ବ୍ୟବସ୍ଥାକୁ ପ୍ରତ୍ୟେକ କ୍ଷେତ୍ରରୁ ସଫଳ କରିବା ପାଇଁ ଚେଷ୍ଟା କରିଛନ୍ତି । ଏବେ ସେଠାରେ ୱାଇଣ୍ଡି ଅପ୍ (Wind Up) ହେଉଅଛି ଏବେ ସୁଧା ସେହି ଲୋକମାନେ ସେଠାରେ କାର୍ଯ୍ୟରତ ।

ଯେପରିକି ଏବେ ଏଠାରେ ମଧ ଓ ପୃଥିବୀର ସମସ୍ତ ବଡ଼ ବଡ଼ ଶୃଙ୍ଖଳିତ ଯମାତ୍ ଗୁଡ଼ିକରେ ମଧ ଏକଥା ଦେଖାଯାଇଥାଏ ଯେ, କର୍ମୀମାନେ ଜଲ୍‌ସାର କାର୍ଯ୍ୟ ନିମନ୍ତେ ନିଜର ସ୍ୱାର୍ଥ ଓ ନିଜର କାମକୁ ପଛରେ ପକାଇ କେବଳ ହିଁ କେବଳ ଜଲ୍‌ସାର ବ୍ୟବସ୍ଥା ଓ ହଜରତ ମସିହ ମଉଦ ଆ:ସଙ୍କ ଅତିଥିମାନଙ୍କର ସେବା କରିବା ନିମନ୍ତେ ନିଜର ପ୍ରତ୍ୟେକ କ୍ଷଣକୁ ଉତ୍ସର୍ଗ କରିଦେଇଥାନ୍ତି । ଅଲ୍ଲାଃ ତାଲାଙ୍କ କୃପାରୁ ଜର୍ମାନୀର ଯମାତ୍ ମଧ ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ଯମାତ୍ ଅଟେ ବରଂ କେତେକ ବଳିଦାନରେ ମଧ ଏମାନେ ଅନ୍ୟ କିଛି ଯମାତ୍‌ଠାରୁ ବହୁତ ଆଗରେ ଅଛନ୍ତି । ଯଦି କିଛି ଦୁର୍ବଳତା ଦେଖାଯାଉଛି ତେବେ ତାହା ୱହଦାଦାରମାନଙ୍କ କାର୍ଯ୍ୟ ଶୈଳୀ ବା ସଠିକ୍‌ରୂପେ କାମ ନ ନେବା ବା କାମ ନ କରିବାରେ ପରିଲିଖିତ ହେଉଛି କିନ୍ତୁ ଯମାତ୍‌ର ସଦସ୍ୟମାନେ ଅଲ୍ଲାଃ ତାଲାଙ୍କ କୃପାରୁ ବହୁତ କୁର୍ବାନୀ (ଅର୍ଥାତ୍ ବଳିଦାନ) କରୁଛନ୍ତି । ଜୀବନ, ଧନ ଏବଂ ସମୟର କୁର୍ବାନୀ କରୁଛନ୍ତି । ଅଲ୍ଲାଃ ତାଲା ସେମାନଙ୍କ ନିଷ୍ଠାଭାବ ଓ ଭକ୍ତିଭାବକୁ ବଢ଼ାଇ ଚାଲନ୍ତୁ ।

ଏଥର ଜଲ୍‌ସାରେ ଯୋଗ ଦେଇଥିବା ଲୋକମାନଙ୍କର ସଂଖ୍ୟା ବଢ଼ି ଯିବା ଯୋଗୁଁ ବ୍ୟବସ୍ଥାପିକା ଏବଂ ଅମୀର୍ ସାହେବଙ୍କୁ ମଧ ଖୟାଲ ଆସିଲା ଯଦିଚ ଏହି ଖୟାଲ ବିଗତ ବର୍ଷରେ ମଧ ଆସିଥିଲା ଏବଂ ମୁଁ ମଧ ତାଙ୍କୁ କିଛି ବର୍ଷ ହେବ ଏକଥା କହି ଆସୁଥିଲି କିନ୍ତୁ ଏପରି ଲାଗୁଛି ଯେ, ଏ ବର୍ଷ ଟିକେ ଅଧିକା ଗମ୍ଭୀରତା ଦେଖାଇଛନ୍ତି ଯେ, ଆମ ନିକଟରେ

ନିଜର ଗୋଟିଏ ବଡ଼ ଜଲ୍‌ସା ଗାଃ (ଅର୍ଥାତ ଜଲ୍‌ସା ଅନୁଷ୍ଠିତ ହେବା ନିମନ୍ତେ ବିଶେଷ ସ୍ଥାନ) ହେବା ଉଚିତ । ଏଥରକ ତାଙ୍କୁ ପର୍କିଙ୍ଗ ଇତ୍ୟାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି ସେଥିଯୋଗୁଁ ଟ୍ରାଫିକ୍ ସମସ୍ୟା ଉପୁଜିଲା ଓ ଏପରି ଗୋଟିଏ ସମୟରେ ମଧ୍ଵ ଲୋକମାନଙ୍କୁ ଜଲ୍‌ସା ଗାଃରେ ଆସି ପ୍ରୋଗ୍ରାମରେ ସାମିଲ ହେବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । ବାସ୍ତବିକ ଏପରି ଅବସ୍ଥାରେ ଭିଡ଼ ବହୁତ ହୋଇଯାଏ ଓ ବ୍ୟବସ୍ଥାରେ ଟିକିଏ ଦୁର୍ବଳତା ଦେଖାଯାଏ ସେତେବେଳେ ଏହିପରି ସମସ୍ୟା ସୃଷ୍ଟି ହୋଇଯାଏ । ଯେଉଁଲୋକମାନେ ଏପରି ଅସବିଧା ଯୋଗୁଁ ଜଲ୍‌ସାରେ ସାମିଲ ହୋଇପାରୁନଥିଲେ ଓ ଆସିବାରେ ବିଳମ୍ବ ହେଉଥିଲା ସେଥିଯୋଗୁଁ ସେମାନେ ଅପ୍ରସନ୍ନତାର ପରିପ୍ରକାଶ ମଧ୍ୟ କରିଛନ୍ତି । ଟ୍ରାଫିକ ଏବଂ ପାର୍କିଙ୍ଗ ଏରିଆରେ ଯେଉଁ କର୍ମୀମାନେ କାର୍ଯ୍ୟ କରୁଥିଲେ ସେମାନେ ବହୁତ ଅସୁବିଧାରେ ପଡ଼ିଛନ୍ତି କିନ୍ତୁ ଏପରି ଅବସ୍ଥାରେ ଏହା ମଧ୍ୟ ଅଲ୍ଲାଃ ତାଲାଙ୍କ କୃପା ଯେ ଫୋନ୍‌ରେ ଏମ୍.ଟି.ଏ ଉପଲବ୍ଧ ଥିବା ଯୋଗୁଁ ଲୋକମାନେ ତକ୍‌ରିର୍ ଶୁଣି ନେଲେ ବା ପ୍ରୋଗ୍ରାମ ଦେଖିନେଲେ । ଜଲ୍‌ସାରେ ଏହି ସମସ୍ତ କଥା ହେଉଛି ଏପରି କଥା ଯାହା ଏଥିପ୍ରତି ଦୃଷ୍ଟି ଆକର୍ଷଣ କରାଉଛି ଯେ, କୌଣସି ଏକ ଖୋଲା ବ୍ୟବସ୍ଥା ହେବା ଉଚିତ । ସେହିପରି ପୁଣି ଜଲ୍‌ସା ଅନୁଷ୍ଠିତ ହେବ ତାରିଖ ଗୁଡ଼ିକ ମଧ୍ୟ ବ୍ୟବସ୍ଥାପିକାଙ୍କ ଅନୁସାରେ ଧାର୍ଯ୍ୟ କରିବାକୁ ପଡ଼ିଥାଏ । ଏ ସମ୍ବନ୍ଧରେ ନିଜର କୌଣସି ସ୍ଵାଧୀନତା ନାହିଁ ଓ ଏଥରକ ଜଲ୍‌ସାର ହଲ୍ ମଧ୍ୟ ସେମାନେ ଶେଷ ସମୟରେ ହିଁ ଦେଇଛନ୍ତି । ଏହି ସମସ୍ତ କଥା ଏବେ ଇନ୍‌ତେଜାମିୟାଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛି ଯେ, ତାଙ୍କର ନିଜର ସ୍ଥାନ ରହିବା ଉଚିତ ଯେଉଁଠି ଜଲ୍‌ସା ଅନୁଷ୍ଠିତ କରାଯାଇ ପାରିବ । ଅମୀର୍ ସାହେବ ମୋତେ ଏକଥା ମଧ୍ୟ ବତାଇଛନ୍ତି ଯେ, ସେ ଏପରି ଗୋଟିଏ ସ୍ଥାନ ଦେଖିଛନ୍ତି ଓ ତାହାକୁ ଅଧିଗ୍ରହଣ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି ଓ ଏହା ତାଙ୍କୁ ପସନ୍ଦ ମଧ୍ୟ ଆସିଛି । ଯଦି ସେହି ସ୍ଥାନଟି ଅଲ୍ଲାଃ ତାଲାଙ୍କ ଦୃଷ୍ଟିରେ ଯମାତ୍ ନିମନ୍ତେ ଉତମ ତେବେ ଅଲ୍ଲାଃ ତାଲା ତାହାକୁ କିଣିବା ପାଇଁ ଓ ଅଧିଗ୍ରହଣ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରିଦିଅନ୍ତୁ ଓ ସୁଗମତା ସୃଷ୍ଟି କରନ୍ତୁ । ମୋର ଏ ଆଶା ଅଛି ଓ ଏହିପରି ଯମାତ୍ ଅହେମଦୀୟା ଜର୍ମାନୀର ନିଷ୍ଠା ଓ ଭକ୍ତି ଭାବ ଓ ବଳିଦାନର ଏପରି କାର୍ଯ୍ୟକୁ ଦେଖି ମୁଁ ମଧ୍ୟ ଏକଥା କହିପାରେ ଯେ, ଯଦି ଏହା ପାଇଁ କିଛିଟା ମାଲି କୁର୍‌ବାନୀର ଆବଶ୍ୟକତା ପଡୁଛି ତେବେ ଯମାତ୍ ଇନ୍‌ଶ୍ଅଲ୍ଲାଃ ଏହି କୁର୍‌ବାନୀ କରିବ । ଅଲ୍ଲାଃ ତାଲା ସେମାନଙ୍କ ସାମର୍ଥ୍ୟକୁ ମଧ୍ୟ ବଢ଼ାନ୍ତୁ ।

ଯେପରି କି ମୁଁ ଜର୍ମାନୀ ଜଲ୍‌ସାର ଶେଷ ଦିନ ଏକଥା କହିଥିଲି ଯେ, ଜର୍ମାନୀର ଜଲ୍‌ସା ମଧ୍ୟ ଏବେ ଆନ୍ତର୍ଜାତୀୟ ଜଲ୍‌ସା ହୋଇସାରିଛି ଓ ୟୁରୋପ ପାଇଁ ଜର୍ମାନୀ ଜଲ୍‌ସାରେ ସାମିଲ ହେବା ପ୍ରଥମେ ମଧ୍ୟ ସହଜ ଥିଲା । ଏଥରକ ଏ କଥା ଅନୁଭବ ହେଲା ଯେ, କିଛି ଦେଶ ଗୁଡ଼ିକ ଉଦାହରଣ ସ୍ଵରୁପ ପୂର୍ବତନ ଋଷ୍‌ର ରାଜ୍ୟଗୁଡ଼ିକ ଓ ଆଫ୍ରିକାର କିଛି ଦେଶ ଗୁଡ଼ିକ ଅଛି, ସେଠାର ଲୋକମାନଙ୍କୁ ମଧ୍ୟ ଜର୍ମାନୀ ଆସିବା ବହୁତ ସହଜ ହୋଇଯାଇଛି ଅର୍ଥାତ୍ ଭିଜା ସହଜରେ ଉପଲବ୍ଧ ହୋଇଛି । ଏହି ଦୃଷ୍ଟିକୋଣରୁ ଜର୍ମାନୀରେ ମଧ୍ୟ ଜଲ୍‌ସା ଗାଃ ଓ ତତ୍‌ସମ୍ପର୍କୀୟ ବ୍ୟବସ୍ଥା ବ୍ୟାପକ ହେବାର ଆବଶ୍ୟକତା ରହିଛି ।

କର୍ମୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ଏବଂ ଜଲ୍‌ସା ସମ୍ବନ୍ଧରେ ଏହି ସବୁ କଥାଗୁଡ଼ିକର ଚର୍ଚ୍ଚା କରିବା ପରେ ଏବେ ମୁଁ ଆପଣମାନଙ୍କ ସମ୍ମୁଖରେ ଏହି ଜଲ୍‌ସାରେ ଆସି ଯୋଗ ଦେଇଥିବା ଲୋକମାନଙ୍କର କିଛି ଅନୁଭବ ଏଠାରେ ଉପସ୍ଥାପନ କରିବି ଯେଉଁଥିରୁ ଏକଥା ଜଣା ପଡୁଛି ଯେ, ନା କେବଳ କର୍ମୀଗଣ ବରଂ ଜଲ୍‌ସାରେ ସାମିଲ ହୋଇଥିବା ପ୍ରତ୍ୟେକ ଅହେମଦୀ ନିଜର ଚରିତ୍ର ଓ ନିଜର ଆଚରଣ ଯୋଗୁଁ ଅନ୍ୟମାନଙ୍କ ପାଇଁ ନୀରବ ତବ୍‌ଲିଗ୍‌ର ମାଧ୍ୟମ ହେଉଛନ୍ତି । ଜଲ୍‌ସା ଦିନ ଗୁଡ଼ିକରେ ସେଠି ଶନିବାର ଦିନ ଦୁଇ ପ୍ରହର ସମୟରେ ଅଣଅହେମଦୀ ଓ ଅଣମୁସଲମାନ ଲୋକମାନଙ୍କ ନିମନ୍ତେ ଏକ ସ୍ଵତନ୍ତ୍ର ପ୍ରୋଗ୍ରାମ ମଧ୍ୟ ଅନୁଷ୍ଠିତ ହୋଇଥାଏ, ଯେଉଁଠି ମୋର ଭାଷଣ ମଧ୍ୟ ରହିଥାଏ ତେବେ ସର୍ବପ୍ରଥମେ ମୁଁ ସେଥିରେ ସାମିଲ ହୋଇଥିବା ଲୋକମାନଙ୍କର ମନୋଭାବକୁ ଏଠାରେ ବର୍ଣ୍ଣନା କରିବି । ଉକ୍ତ ପ୍ରୋଗ୍ରାମରେ ତବ୍‌ଲିଗ୍ ବୈଠକ ଏବଂ ତବ୍‌ଲିଗ୍ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥାଏ ଯାହାକୁ ସେଠିକାର ସ୍ଥାନୀୟ ଇନ୍‌ତେଜାମିୟା ଅତିଥିମାନଙ୍କ ସହିତ ଅନୁଷ୍ଠିତ କରିଥାନ୍ତି ।

ଏ ବର୍ଷ ତବ୍‌ଲିଗ୍ ବୈଠକରେ ଏକ ହଜାର ଏକ ଶହ ଅଣାଅଶି (୧୧୭୯) ଅତିଥି ସାମିଲ ହୋଇଥିଲେ ସେଥିମଧ୍ୟରୁ ଜର୍ମାନୀ ଅତିଥିମାନଙ୍କ ସଂଖ୍ୟା ୫୦୨ ଥିଲା ଓ ଅନ୍ୟାନ୍ୟ ୟୁରୋପୀୟ ଜାତି ସହିତ ସଂପର୍କ ରଖିଥିବା ଅତିଥିମାନଙ୍କ ସଂଖ୍ୟା ୩୪୧ ଏତ୍‌ଦବ୍ୟତୀତ ୧୫୭ ଜଣ ଲୋକଙ୍କର ସମ୍ବନ୍ଧ ଆରବୀୟ ଲୋକମାନଙ୍କ ସହିତ ଥିଲା । ୧୦୪ ଜଣେ ଏସିଆଇ ଏବଂ ୭୫ଜଣ ଆଫ୍ରୀକିୟ ଅତିଥି ମଧ୍ୟ ସାମିଲ ହୋଇଥିଲେ । ଏହିଭଳି ସେଠାରେ ମୋଟ ୭୬ଜାତି ସମୁହର ଅତିଥିମାନଙ୍କ ପ୍ରତିନିଧିତ୍ଵ ହୋଇଥିଲା ।

ସେହି ଅତିଥିମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ମିଷ୍ଟର ହାନ୍‌ସ ଓ୍ଵଲିଭର୍ ଯିଏ ଫ୍ରାଙ୍କଫ୍ରଟର ଗୋଟିଏ ଲାଫର୍ମର ସିନିୟର ପାର୍ଟନର ଅଛନ୍ତି ଏହି ଦୃଷ୍ଟି କୋଣରୁ ସେ ଜଣେ ଓକିଲ । ସେ ତବ୍‌ଲିଗ୍ ବୈଠକରେ ସାମିଲ ହୋଇ ଓ ମୋ ଅଭିଭାଷଣ ଶୁଣିବା ପରେ ନିଜର ମନୋଭାବକୁ ଏପରି ବର୍ଣ୍ଣନା କରୁଛନ୍ତି ଯେ, ଯମାତ୍ ଅହେମଦୀୟାର ଇମାମ୍‌ଙ୍କର ଭାଷଣ ମୋ ମନ ଭିତରେ ଅତ୍ୟନ୍ତ ପ୍ରଘାଢ଼ ପ୍ରଭାବ ପକାଇଛି । ପୁଣି ଲେଖୁଛନ୍ତି ଯେ, ବର୍ତମାନ ଯେଉଁଭଳି ଅବସ୍ଥା ଏ ସଂସାରରେ ସଠିକ୍ ରୂପେ ଚାଲିଛି ଏପରି ଅବସ୍ଥାରେ ରହି ଆସନ୍ନ ବିପଦ ଓ ଯୁଦ୍ଧକୁ ଆକଳନ କରିବା ହେଉଛି ବହୁତ ବଡ଼ ଗୁରୁତ୍ଵପୂର୍ଣ୍ଣ କଥା ଏବଂ ଯମାତ୍ ଅହେମଦୀୟାର ଇମାମ୍ ନା କେବଳ ଆସନ୍ତା ଭବିଷ୍ୟତରେ ସମ୍ମୁଖୀନ ହେବାକୁ ଥିବା ବିପଦକୁ ବାସ୍ତବିକ ରୂପେ ଅନୁଭବ କରିଛନ୍ତି ବରଂ ତତ୍‌ସହିତ ଏ ସଂସାର ବାସିଙ୍କୁ ସତର୍କ ମଧ୍ୟ କରାଉଛନ୍ତି । ଏହିପରି ସେ ଇମିଗ୍ରେଶନକୁ ଯେପରି ସରକାରଙ୍କ ସାମାଜିକ ଓ ଆର୍ଥିକ ହିତକୁ ଯୋଡ଼ି ଦେଖାଇଛନ୍ତି ତେଣୁ ସେହି ଅନୁଶୀଳନ ମଧ୍ୟ ବାସ୍ତବିକ ଥିଲା । ପୁଣି କହୁଛନ୍ତି ଯେ, ଜଣେ କାନୁନ୍‌ଦାର୍ ରୂପେ ମୁଁ ଏହି ପାର୍ଶ୍ଵକୁ ନିଜ ସାଙ୍ଗସାଥିଙ୍କ ସହିତ ବର୍ଣ୍ଣନା କରିବା ଏବଂ ଦୁଇ ତରଫା ଆବଶ୍ୟକତାକୁ ସର୍ବସାଧାରଣ କରିବା ଚାହୁଁଛି କାରଣ ସାଧାରଣତ ଏଠାରେ ଲୋକମାନେ କେବଳ ଶରଣାର୍ଥୀମାନଙ୍କ ଅନୁପ୍ରବେଶର ବୁ୍ୟୁକ୍ରାମକ ଚର୍ଚ୍ଚା କରୁଛନ୍ତି କିନ୍ତୁ ତା ସହିତ ଯୋଡ଼ି ରହିଥିବା ଦେଶ ଓ ଜାତିର ସ୍ଥାନୀୟ ହିତକୁ ଅବହେଳା କରୁଛନ୍ତି ଯାହା ହେଉଛି ବହୁତ ବଡ଼ ଗୁରୁତ୍ଵପୂର୍ଣ୍ଣ ପାର୍ଶ୍ଵ ।

ପୁଣି Vereena Ludwing ସାହିବା ଯିଏ Lufthansa ରେ ଅଛନ୍ତି ଏବଂ ସେ ଆଇ.ଟି ବିଭାଗରେ ଏକ୍ସପର୍ଟ ଅଟନ୍ତି । ସେ କହୁଛନ୍ତି ଯେ ମୁଁ ଭାଷଣ ଶୁଣିବା ସମୟରେ ଅନବରତ ଏକଥା ଚିନ୍ତା କରୁଥିଲି ଯେ ବାର୍ତାଳାପ ତ ଅନେକ ଧାର୍ମିକ ନେତା ମଧ୍ୟ କରିଥାନ୍ତି ଓ ଏ ପୃଥିବୀକୁ ଆସନ୍ତା ବିପଦରୁ ବଂଚିବା ପାଇଁ ଉପଦେଶ ମଧ୍ୟ ଦେଇଥାନ୍ତି । ପୁଣି ଯେ କହୁଛନ୍ତି ଯେ ବିଶ୍ଵ ଶାନ୍ତି ପ୍ରତିଷ୍ଠା ସମ୍ବନ୍ଧରେ କଥା ହେବା ଲିଡ଼ର ମାନଙ୍କ ପାଇଁ ଏକ ହଟ୍ କେକ୍ ସଦୃଶ କିନ୍ତୁ ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ବାର୍ତାଳପରେ ଯେଉଁ ଶକ୍ତି ନିହିତ ଥିଲା ତାହା ମୁଁ ଆଉ କେଉଁଠାରେ ଦେଖି ନାହିଁ । ଦ୍ଵିତୀୟ କଥା ହେଉଛି ସେ ବହୁତ ଗଭୀର ଗବେଷଣା କରିଛନ୍ତି ଓ ତାହା ମଧ୍ୟରେ ଭିଷଣ ବେଦନା ଭରି ରହିଛି । ଏପରି ବେଦନା ଯଦି ନ ହେବ ତା ହେଲେ କେହି ଏପରି ବ୍ୟାଖ୍ୟା ମୁଳକ ଅନୁଶୀଳନ ଉପସ୍ଥାପନ କରି ପାରିବ ନାହିଁ । ପୁଣିସେ କହୁଛନ୍ତି ଯେ ଧର୍ମୀୟ ଦୃଷ୍ଟି କୋଣରୁ ହିଁ ନୁହେଁ ବରା ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣ ସନ୍ଦର୍ଭରେ ଦୁନିଆର ନେତୃତ୍ଵ ଉପରେ ଖୁଲାସା କରିଛନ୍ତି ଯେ ବିଶ୍ଵ ଶାନ୍ତିସ୍ଥାପନ ଈଶ୍ଵର ଭୟ ସହିତ ଜଡ଼ିତ । ଯଦି ନିଜ ସ୍ଵାର୍ଥରୁ ଉପରକୁ ଉଠି ପଦକ୍ଷେପ ଉଠାନଯାଏ ତେବେ ପରମାଣୁ ଯୁଦ୍ଧର ଭୟାଭୟ ପରିଣାମର ଉତରଦାୟୀ ଆମେ ହେବା । ପୁଣି ସେ କହୁଛନ୍ତି ଯେ ମୋ ନିକଟରେ ଇମାମ ଏପରି ସ୍ଵଷ୍ଟଭାବେ ଏହି ବାର୍ତା ଦେଇ ଦେଇଛନ୍ତି କି ଯଦି ବିଦ୍ଵେଷଭାବ ପ୍ରତିବନ୍ଧକ ନ ହୁଏ ତା ହେଲେ ମନୁଷ୍ୟର ରୁମ ଟାଙ୍କୁରି ଯିବା ପାଇଁ ଉକ୍ତ ସତର୍କତା ଯଥେଷ୍ଟ । ନିଷ୍ପତିକାରୀଙ୍କ ପର୍ଯ୍ୟନ୍ତ ଏ ବାର୍ତା ପହଂଚିବା ଉଚିତ କାରଣ ମାନବ ଜାତିର ବହୁବିଦ୍ଧ କଲ୍ୟାଣ ସାଧନ ନିମନ୍ତେ ଏହା ଆନ୍ତର୍ଜାତିୟ ସ୍ତରରେ ସର୍ବସାଧାରଣ ହେବା ଜରୁରୀ ଅଟେ ।

ପୁଣି ମିଷ୍ଟର କ୍ଲାଉଜେ (Mr Klause) ଏବଂ Ms Heide ଏମାନେ ଦୁଇଜଣ ଜର୍ମାନୀ ସ୍ଵାମୀ ସ୍ତ୍ରୀ ଅଟନ୍ତି । ସେମାନେ କହୁଛନ୍ତି ଯେ ଏଠାକୁ ଆସିବା ପୂର୍ବରୁ ଆମେ ବହୁତ ଭୟଭିତ ଥିଲୁ । ଯଦିଚ କିଛି ବର୍ଷ ହେବ ଯମାତ୍ ସହିତ ପରିଚୟ ଥିଲା କିନ୍ତୁ ଜଲ୍‌ସାରେ ଯୋଗ ଦେବା ପାଇଁ ଆମକୁ ସଙ୍କୋଚ ହେଉଥିଲା । ଆମେ ଇସ୍‌ଲାମ୍ ଏବଂ ମସୁଲମାନମାନଙ୍କ ସମ୍ବନ୍ଧରେ ମିଡ଼ିଆ ଦ୍ଵାରା ଯାହା ଶୁଣିଥିଲୁ ଓ ଜାଣିଥିଲୁ ଏପରି ଭାବନା ତା'ର ହିଁ ଆଧାର ଥିଲା । ତେଣୁ ଏଠାକୁ ଆସିବା କ୍ଷଣି ହିଁ ଆଜି ମଧ୍ୟ ଆମେ ବହୁତ ବ୍ୟତିବ୍ୟସ୍ତ ଥିଲୁ ଯେ ଜଣାନାହିଁ କେଉଁ ପ୍ରକାରର ଲୋକ ଥିବେ କିନ୍ତୁ ଏଠାରେ ଯୋଗଦେବା ପରେ ଆମେ ଦୁଇଜଣ ଦମ୍ପତି ଏପରି ରିଲାକ୍ସ ଅନୁଭବ କରୁଅଛୁ ଓ ଏହି ପରିବେଶରେ ଆମେ ଏତେ ଆପଣା ପଣିଆ ଅନୁଭବ କରୁଅଛୁ ଯେ ଯେପରି ଆମେ ନିଜ ପରିବେଶରେ ଚଳବିଚଳ କରୁଅଛୁ । ମୋ ଭାଷଣ ଶୁଣିପା ପରେ ତାଙ୍କ ସ୍ତ୍ରୀ କହୁଛନ୍ତି ଯେ ଏ ବାବଦରେ ମୁଁ ଏହା କହିବାକୁ ଚାହିଁବି ଯେ ମୁଁ ଯୁଦ୍ଧର ଉପଦ୍ରବ / ବିକାର ନିଜ ଆଖିରେ ଦେଖିଛି । (ସେ ଦ୍ଵୀତିୟ ବିଶ୍ଵଯୁଦ୍ଧ ସମ୍ବନ୍ଧରେ କହୁଛନ୍ତି) । ଇମାମ୍ ଯେଉଁ ବିନାଶକାରୀ ଓ ଯେଉଁ ଭୟାବହତା ସମ୍ବନ୍ଧରେ ସମୟ ପୂର୍ବରୁ ଆମକୁ ସତର୍କ କରାଇଛନ୍ତି ବା କରାଉଛନ୍ତି ଓ ଯେଉଁ ବେଦନା ଓ ଗମ୍ଭୀରତାର ସହ ମାନବ ଜାତିକୁ ସତର୍କ କରାଉଛନ୍ତି ତା'ର ପ୍ରଭାବ ମୋ ପରିକା ଲୋକ ଉପରେ ଯିଏ ବିଶ୍ଵଯୁଦ୍ଧ ଦେଖିସାରିଛି ଅନ୍ୟ ପ୍ରକାର ପଡ଼ିଥାଏ । ତେଣୁ ଆମେ ଉକ୍ତ ଅଭିଭାଷଣର ଗୋଟିଏ ଗୋଟିଏ ଶବ୍ଦ ସହିତ ସହମତ ଓ ଚାହୁଁଛୁ ଯେ ବର୍ତମାନର ପିଢ଼ୀ/ ଦାୟଦ ଏହାର ଅନୁଭବ ସଠିକ ସମୟରେ କରିପାରିବେ । ତାଙ୍କ ସ୍ଵାମୀ କହୁଛନ୍ତି ଯେ ସେ ବିପଦ ନିଶ୍ଚିତ ରୂପେ ଚିହ୍ନିତ କରିଛନ୍ତି କିନ୍ତୁ ଏକଥା କହିବା ବେଳେ ନା ତ ସେ କାହାର ନା ଦେଇଛନ୍ତି ଓ ନା କୌଣସି ପ୍ରକାରର ପକ୍ଷପାତିତା ଅବଲମ୍ବନ କରିଛନ୍ତି । ତାଙ୍କ ଉପଦେଶର ଶୈଳୀରେ ଦରତପୂର୍ଣ୍ଣ ସତର୍କତାର ନିବେଦନ ଥିଲା ନା କି ସେଥିରେ ନିଜର ପସନ୍ଦ ଓ ଅପସନ୍ଦ କଥା ଥିଲା । ନିଜସ୍ଵ ପକ୍ଷପାତିତାର ତିଳେମାତ୍ର ଛାୟା ମଧ୍ୟ ତାଙ୍କ କଥାରୁ ମିଳିନାହିଁ । ବାସ୍ତବରେ ଧାର୍ମିକ ନେତାଙ୍କର ଏହା ହିଁ ପଦମର୍ଯ୍ୟାଦା ହୋଇଥାଏ । ପୁଣି ସେ କହୁଛନ୍ତି ଯେ ଏହି ବାର୍ତାଳପ ପରେ ମୁଁ ନିରୁତର ହୋଇ ଏଠାରୁ ଯାଉଅଛି ଯେ ଯମାତ ଅହେମଦୀୟାରେ ସଂସାର ପ୍ରତି ଏକ ଦରଦ ଅଛି ।

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।'' (ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭) |
|---|---|

ତାଲିବେ ଦୁଆ: *Siddique Ahmed & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।'' (ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)

ତାଲିବେ ଦୁଆ: *Abdur Rahman Khan & Family, Jamat Ahmadiyya, Pankal (Odisha)*

ପୁଣି Mr Nobert Wagner ଯିଏ ହେଉଛନ୍ତି ଜଣେ ଇମିଗ୍ରେସନ ଲୟର୍ , ସେ କହୁଛନ୍ତି ଯେ ଯଦିଚ ମୁଁ ଏ ଜଲ୍‌ସାରେ ପ୍ରଥମଥର ପାଇଁ ଯୋଗ ଦେଇନାହିଁ ଓ ଅହେମଦୀମାନଙ୍କ କେସ୍‌ର ଓ୍ୱକିଲ ହିସାବରେ ମତେ ଅଧିକାଂଶ କଥା ଜଣାଅଛି । (ହଜୁର ଅନଓ୍ୱର କହୁଛନ୍ତି) ସେ ଅହେମଦୀ ଶରଣାର୍ଥୀଙ୍କ କେଶ୍ ଲଢୁଛନ୍ତି । କିନ୍ତୁ ଯମାତ ଅହେମଦୀୟାର ଇମାମ୍‌ଙ୍କର ଆଜିର ଭାଷଣ ମୋ ପାଇଁ ସମ୍ପୂର୍ଣ୍ଣ ନୂଆ ପାର୍ଶ୍ୱ ଓ ନୂଆ ଟିପ୍ପଣି ପ୍ରଦାନ କଲା । ଯଦିଚ ମୁଁ ମୋର ମନୋଭାବକୁ ପରିପ୍ରକାଶ କରୁଅଛି କିନ୍ତୁ ଏହି ମନୋଭାବ ବ୍ୟକ୍ତ ଏକ ପ୍ରକାରର ତତକ୍ଷଣାତ ପ୍ରତିକ୍ରୀୟା, ଯାହା ମୁଁ କହୁଅଛି । ଯେବେ କି ଏବେ ଏହି ଭାଷଣରେ ମୋ ପାଇଁ ବୃତିଗତ ଆବଶ୍ୟକତାର ବହୁତ ଗୁରୁତ୍ୱପୂର୍ଣ୍ଣ କଥା ନିହିତ ଅଛି ଯାହା ମୁଁ ଘରେ ପହଂଚି ପୂନର୍ବାର ଅନୁଶୀଳନ କରିବି । ମୁହାଜିର୍ ଓ ଦେଶ ପରିତ୍ୟାଗ କରିଥିବା ଲୋକମାନଙ୍କ ସମସ୍ୟା ଆଜି ଯେଉଁ ଟିପ୍ପଣି ଇମାମ୍ ଯମାତ୍ ଅହେମଦୀୟା ବର୍ଣ୍ଣନା କରିଛନ୍ତି ତାହା ଦ୍ୱାରା ଆତିଥ୍ୟତା କରୁଥିବା ଦେଶ ଗୁଡ଼ିକ ମଧ୍ୟରେ ଓ ମୁହାଜିର୍ (ଅର୍ଥାତ୍ ଶରଣାର୍ଥୀ)ମାନଙ୍କ ମଧ୍ୟରେ ଆପୋଷ ମାମଲାରେ ଏକ ସନ୍ତୁଳନ ଓ ପ୍ରତିଷ୍ଠା ସ୍ଥାପନ ହେବ ଓ ବିଶେଷ ରୂପେ ଯେଉଁଭଳି ସେ ଜନଗଣନା ସାହାଯ୍ୟରେ ବୃଦ୍ଧାବସ୍ଥା ଓ ଅବସରପ୍ରାପ୍ତ ଲୋକଙ୍କ ବୟସ ପ୍ରସଙ୍ଗରେ ଜର୍ମାନୀର ଲୋକଶକ୍ତିର ଆବଶ୍ୟକତାକୁ ଉଜାଗର କରିଛନ୍ତି ଏତଦଦ୍ୱାରା ଶରଣାର୍ଥୀମାନଙ୍କ ଆତ୍ମସମ୍ମାନକୁ ସାହାରା ମିଳିବ ଏବଂ ଆତଥ୍ୟତା କରୁଥିବା କାର୍ଯ୍ୟାଳୟ ଗୁଡ଼ିକର ମଧ୍ୟ ଏହି ଶରଣାର୍ଥୀମାନଙ୍କ ମାନ ଓ ସମ୍ମାନ ବଢ଼ିବ । କିନ୍ତୁ ମୁଁ ପୂନର୍ବାର କହିବାକୁ ଚାହୁଁଛି ଯେ ଏବେ ମୋ ପାଇଁ ଓ ଇମିଗ୍ରେଶନ୍ ଲ ପ୍ରାକ୍‌ଟିସ୍ କରୁଥିବା ବନ୍ଧୁମାନଙ୍କ ପାଇଁ ଏଥିରେ ବହୁତ ସାରଗର୍ଭକ ତଥ୍ୟ ରହିଛି ଯାହା ଆମର କାର୍ଯ୍ୟରେ ଆସିପାରେ ତେଣୁ ଏହି ଦୃଷ୍ଟିକୋଣରୁ ମଧ୍ୟ ଓ ସାଂସାରିକ ଦୃଷ୍ଟି କୋଣରୁ ମଧ୍ୟ ଲୋକମାନଙ୍କୁ ସାହାଯ୍ୟ ମିଳିଯାଏ ।

ପୁଣି ସୁଇଜରଲ୍ୟାଣ୍ଡରୁ ଆସିଥିବା ଜଣେ ମହିଳା ଲୈଲା ସାହିବା କହୁଛନ୍ତି ଯେ, ମୁଁ ଗୋଟିଏ ଅନୁଷ୍ଠାନରେ ଶନ୍ତି ସ୍ଥାପନ ନିମନ୍ତେ କାର୍ଯ୍ୟରତ । ଆଜି ଯେବେ ମୁଁ ଏହି ବ୍ୟକ୍ତବ୍ୟ ଶୁଣିଲି ସେତେବେଳେ ମତେ ଭାଷଣର ପ୍ରତ୍ୟେକ ଶବ୍ଦରେ ଶାନ୍ତି ହିଁ ଶାନ୍ତି ଦୃଷ୍ଟିଗୋଚର ହେଉଥିଲା ମତେ ପ୍ରତ୍ୟେକ ଶବ୍ଦରେ ସହିଷ୍ଣୁତା ଓ ମାନବିକତାର ସମ୍ମାନ ଦେଖାଯାଉଥିଲା । ଯଦି ଆପଣ ଶାନ୍ତି, ସହିଷ୍ଣୁତା ଏବଂ ମାନବିକତାକୁ ଏକାଠି କରିଦେବେ ତେବେ ପୁଣି ଆପଣ ଗୋଟିଏ ସୁନ୍ଦର ସମାଜ ଗଢ଼ିତୋଳିବେ । ପୁଣି ସେ କହିଲେ, ଯାହା ମଧ୍ୟ ଆପଣ କହୁଛନ୍ତି ତାହା ଆମ ହିତ ପାଇଁ ହିଁ ଉଦ୍ଦିଷ୍ଟ । ସବୁଠାରୁ ଅଧିକା ପ୍ରଭାବଶାଳୀ କଥା ଏହା ଥିଲା ଯେ ଆପଣ ସବୁ ସମସ୍ୟାଗୁଡ଼ିକୁ ବର୍ଣ୍ଣନା କରିବା ପରେ ଧର୍ମରୁ ହିଁ ଏହାର ସମାଧାନର ମାର୍ଗ ଉପସ୍ଥାପନ କଲେ ଓ ବତାଇଲେ ଯେ ଏହି ସମସ୍ତ ସମସ୍ୟାର ସମାଧାନ ଈଶ୍ୱରଙ୍କୁ ଚିହ୍ନିବା ଦ୍ୱାରା ସାଧିତ ହୋଇଥାଏ । ଆପଣ ଏକଥା ପ୍ରମାଣ କଲେ ଯେ ଧର୍ମ ସମସ୍ୟା ନୁହେଁ ବରଂ ସମସ୍ୟାର ସମାଧାନ କରିଥାଏ ।

ଜର୍ମାନୀର ଜଣେ ଝିଅ କହୁଛନ୍ତି ଯେ, ମତେ ଏକଥା ବହୁତ ଭଲ ଲାଗିଲା ଯେ ଏହି ଭାଷଣରେ ସାମୟିକ ପରିସ୍ଥିତି ଉପରେ ଚର୍ଚ୍ଚା କରାଗଲା । ପୂର୍ବରୁ ମଧ୍ୟ କିଛି ନେତା ଚର୍ଚ୍ଚା କରିଛନ୍ତି କିନ୍ତୁ ସେମାନଙ୍କର କଥାରେ କୌଣସି ଓଜନ ନଥିଲା । ସେହି ମାମୁଲି କଥା ଯାହାକୁ କେହି ମଧ୍ୟ କହିପାରେ କିନ୍ତୁ ଏହି ଅଭିଭାଷଣ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଆପଣ (ଅର୍ଥାତ୍ ହଜୁର) ବାସ୍ତବିକ ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଯୁଦ୍ଧ ପ୍ରସଙ୍ଗରେ ଆଲୋକପାତ କରିଛନ୍ତି । ପରିବେଶ ପରିବର୍ତନ ସମ୍ବନ୍ଧରେ କଥା ହୋଇଛନ୍ତି, ଇମିଗ୍ରେସନ ସମ୍ବନ୍ଧରେ ଆଲୋକପାତ କରିଛନ୍ତି ଓ ଏହି ସମସ୍ୟାଟି ସର୍ବସାଧାରଣ, ଏହାର ସମାଧାନର ରାସ୍ତା ମଧ୍ୟ ବତାଇଲେ । ଧର୍ମ ଉପରେ ପ୍ରତିବନ୍ଧକ ଲଗାଯିବା ପରିବର୍ତେ ଧର୍ମକୁ ପ୍ରୋତ୍ସାହନ ଦେବା ଉଚିତ । ଲୋକମାନେ ଖୁଦାଙ୍କ ଆଡ଼କୁ ଆସନ୍ତୁ । ଏ କଥା ପ୍ରତି ହଜୁର ଧ୍ୟାନ ଆକର୍ଷଣ କରାଇଲେ । ପୁଣି ସେ କହୁଛନ୍ତି ଯେ ହଜୁର ସମ୍ପୁର୍ଣ୍ଣ ସ୍ୱଷ୍ଟଭାବେ ଓ ସ୍ପଷ୍ଟ ଭାଷାରେ ବତାଇ ଦେଲେ ଯେ ଆଜିକାଲି ଯେଉଁ ଯୁଦ୍ଧ ହେଉଅଛି ତା'ର କୌଣସି ସମ୍ପର୍କ ଧର୍ମ ସହିତ ନାହିଁ । ରାଜନିତୀ ସମ୍ବନ୍ଧରେ ମଧ୍ୟ ଆଲୋକପାତ କଲେ । ପୁଣି ସେ କହିଲେ ଯେ ଶକ୍ତିଶାଳୀ ରଷ୍ଟ୍ର ଗୁଡ଼ିକ ଦୃବଳ ରାଷ୍ଟ୍ରଙ୍କ ଠାରୁ ଲାଭ ଉଠାଉଛନ୍ତି । ବେଳେବେଳେ ଏହି ଲାଭ ବାହ୍ୟରୂପେ ଉଠାଇଥାନ୍ତି । ଓ ବେଳେବେଳେ ଗୁପ୍ତରୂପେ ଉଠାଯାଇଥାଏ ଓ ସେମାନଙ୍କୁ ବିବଶ କରିଦିଆଯାଏ ଯେ ସେମାନେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ସ୍ୱାର୍ଥର ସୁରକ୍ଷା କରନ୍ତୁ । (ହଜୁର କହିଲେ) ଇଏ ହେଉଛନ୍ତି ଜଣେ ଛାତ୍ରୀ, ଏ ଦୃଷ୍ଟିକୋଣରୁ ସେ ବହୁତ ଉତମ ଅନୁଶୀଳନ କରିଛନ୍ତି । ଏହାର ଅର୍ଥ ହେଉଛି ଲୋକମାନେ ଧ୍ୟାନ ଦେଇ ଶୁଣୁଛନ୍ତି ଓ ପୁଣି ତା' ଉପରେ ଚିନ୍ତା ମଧ୍ୟ କରୁଛନ୍ତି ।

ପୁଣି ଜର୍ମାନୀର ଜଣେ ଇସାଇ ପାଦ୍ରୀ ଯାହାଙ୍କ ନାମ ହେଉଛି Andreas Weisbrot ସାହେବ । ସେ କହୁଛନ୍ତି ଯେ ମୁଁ ଜଲ୍‌ସା ସାଲାନାରୁ, ଏହି ବହୁମାତ୍ରାରେ ଉପସ୍ଥିତ ବନ୍ଧୁତ୍ୱପୂର୍ଣ୍ଣ ଚେହେରାରୁ, ଏହି ସୁଚରିତ୍ରପୂର୍ଣ୍ଣ ପରିବେଶରୁ, ଏହି ମହାନ ଐକ୍ୟ ମନୋଭାବ ଓ ପ୍ରେମଭାବରୁ ବହୁତ ପ୍ରଭାବିତ ହୋଇଛି । ପୁଣି ସେ ମୋ ଅଭିଭାଷଣ ସମ୍ପର୍କରେ କହୁଛନ୍ତି ଯେ ଏହି ଭାଷଣ ମତେ ଆଶ୍ଚର୍ଯ୍ୟ ଚକିତ କରିଦେଇଛି । ପରମାଣୁ ଯୁଦ୍ଧ ସମ୍ପର୍କରେ ମୋର ଖିଆଲ ନଥିଲା, ମୋର ମଧ୍ୟ ଏ ଧାରଣା ରହିଛି ଯେ ଆମେ କେବଳ ସେତେବେଳେ ଉନ୍ନତି ରକିପାରିବା ଯେବେ ଆମେ ସାମାଜିକ ସଦ୍‌ଭାବନା ଓ ଶାନ୍ତିପ୍ରତିଷ୍ଠା ପାଇଁ ଧ୍ୟାନ ଦେବା ଓ ମିଳିମିଶି ଶାନ୍ତିର ଅନ୍ୱେଷଣ କରିବା । ଏହି ଉଦ୍ଦେଶ୍ୟ ନିମନ୍ତେ ଆମକୁ ଏକ ଦୃଢ଼ ସମାଜର ଆବଶ୍ୟକତା ରହିଛି, ଯେଉଁଠି ଆମେ ଭାଇଚାରା ଓ ବହୁଧର୍ମୀୟ ପରିବେଶ ପ୍ରତିଷ୍ଠା କରିପାରିବା ଓ ସେଥିରେ ସମସ୍ତ ଧର୍ମ ସମ୍ବନ୍ଧରେ ଆଲୋଚନା ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ହଜୁର ଅନଓ୍ୱର କହିଲେ: ଏହା ତ କିଛିଟା ଉଦାହରଣ ଥିଲା ଯାହା ମୁଁ ଅନେକ ଉଦାହରଣ ମଧ୍ୟରୁ ନେଇ ବର୍ଣ୍ଣନା କଲି । ଏବେ ଜଲ୍‌ସାର ସାଧାରଣ ପ୍ରଭାବ ସମ୍ବନ୍ଧରେ ମଧ୍ୟ କିଛି ଉଦାହରଣ ବର୍ଣ୍ଣନା କରିଦେଉଛି ।

ମେସିଡ଼ୋନିଆ (Macedonia)ରୁ ଗୋଟିଏ ପ୍ରତିନିଧିମଣ୍ଡଳ ଆସିଥିଲା, ତାହା ସତୁରୀଜଣ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଥିଲା ଏହି ପ୍ରତିନିଧିମଣ୍ଡଳରେ ଆଠଜଣ ସାମ୍ବାଦିକ ମଧ୍ୟ ସାମିଲ ଥିଲେ । ଦୁଇଜଣ ସ୍ଥାନୀୟ ଟି.ଭି ଓ ଅନ୍ୟ ଛଅ ଜଣ ଜାତୀୟ ଟିଭି ବା ଅନ୍ୟାନ୍ୟ ନ୍ୟୁଜ୍ ଏଜେନ୍‌ସି ସହିତ ଜଡ଼ିତ ଥିଲେ । ସେମାନେ ଜଲ୍‌ସାର କାର୍ଯ୍ୟକର୍ମ ବ୍ୟତିତ କିଛି ଲୋକମାନଙ୍କର ଇଂଟରଭ୍ୟୁ ମଧ୍ୟ ନେଲେ । ମୋ ସହିତ ମଧ୍ୟ କିଛି ପ୍ରଶ୍ନଉତର ଥିଲା । ସାମ୍ବାଦିକଙ୍କ ବ୍ୟତିତ ପ୍ରତିନିଧିମଣ୍ଡଳରେ ପନ୍ଦର ଜଣ ଖ୍ରୀଷ୍ଟିୟାନ୍ ବନ୍ଧୁ ବି ଥିଲେ । ୨୩ ଜଣ ଗଏର୍ ଅହେମଦୀ (ଅର୍ଥାତ୍ ଅଣଅହେମଦୀ) ମୁସଲମାନ ସାମିଲ ଥିଲେ । ଅଣ ଯମାତୀୟ ଅତିଥିମାନଙ୍କ ମଧ୍ୟରୁ ପାଂଚଜଣ ଏହି ଜଲ୍‌ସା ସମୟରେ ଏହିସବୁ କାର୍ଯ୍ୟକର୍ମକୁ ଦେଖି ଓ ସମସ୍ତ ପ୍ରୋଗ୍ରାମ ଦେଖି ବୟତ ମଧ୍ୟ କରିନେଲେ । ଏମାନେ ପୂର୍ବରୁ ଜେରେ ତବ୍‌ଲିଗ୍ (ଅର୍ଥାତ୍ ସେମାନେ ଯମାତ୍ ବିଷୟରେ ଜ୍ଞାନ ଆହରଣ କରିଥିଲେ) ।

ମେସିଡ଼ୋନିଆ (Macedonia) ପ୍ରତିନିଧିମଣ୍ଡଳର ଜଣେ ମହିଳା Aleksandara Doneva ସାହିବା ପ୍ରଥମଥର ଏ ଜଲ୍‌ସାରେ ଯୋଗଦେଇଛନ୍ତି । ତାଙ୍କର ବର୍ଣ୍ଣନା କରିବାର ଏକ ସ୍ୱତନ୍ତ୍ର ଶୈଳୀ ଅଛି । ସେ ଜଣେ କବିୟତ୍ରୀ ଓ ଦାର୍ଶନୀକ ମଧ୍ୟ ଅଟନ୍ତି । ସେଥିଯୋଗୁଁ ମୁଁ ତାଙ୍କୁ ବର୍ଣ୍ଣନା କରିବା ପାଇଁ ରଖିଛି । ସେ କହୁଛନ୍ତି ଘରର ଲୋକମାନଙ୍କ ବିନା କଣ ଘରର କଳ୍ପନା କରାଯାଇପାରେ ? କଣ ଚରିତ୍ର ଗଠନ ବିନା ମନୁଷ୍ୟର କଳ୍ପନା କରାଯାଇପାରେ ? ମନୁଷ୍ୟର ଆତ୍ମାର ପବିତ୍ରତା କେବଳ ଶାନ୍ତିରେ ରହିବା ଦ୍ୱାରା ଏବଂ ଶାନ୍ତିର ପ୍ରଚାର ପ୍ରସାର ଦ୍ୱାରା ହାସଲ ହୋଇପାରେ । ସେହିପରି ଆତ୍ମାର ପବିତ୍ରତା ଭାଇଚାରା ଓ ଆପୋଷ ସୌହାର୍ଦ୍ଦ୍ୟରେ ନିହିତ ରହିଛି । ମନୁଷ୍ୟପାଇଁ ଏହା ଆବଶ୍ୟକ ଯେ ସେ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁ ଏବଂ ପୃଥିବୀ ପୃଷ୍ଠରେ ଭବିଷ୍ୟତକୁ ଉତମରୂପେ ଗଢ଼ିତୋଳୁ । ଏହା ହେଉଛି ଏପରି ଏକ ମାର୍ଗ ଯାହାଦ୍ୱାରା ଆମେ ମାନବଜାତିର ସୁରକ୍ଷା କରିପାରିବା । ସୁତରାଂ ଜମାତ ଅହେମଦୀୟା ଏହି ସମସ୍ତ କାର୍ଯ୍ୟକୁ ସମ୍ପାଦନ କରୁଅଛି । ଅହେମଦୀମାନେ ଶାନ୍ତିର ପ୍ରଚାର ପ୍ରସାର କରିଥାନ୍ତି ଓ ଶାନ୍ତିର ଶିକ୍ଷା ପ୍ରଦାନ କରିଥାନ୍ତି । ଅହେମଦୀୟତ ଲୋକମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରୁଅଛି । ଲୋକମାନଙ୍କୁ ଉପାସନା କରିବା ନିମନ୍ତେ ଉତ୍ସାହିତ କରୁଅଛି । ଅହେମଦୀୟତା ଏହା ଚାହେଁ ଯେ ଲୋକମାନେ ଆଧ୍ୟାତ୍ମିକତାରେ ବଢ଼ନ୍ତୁ । ସେମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା ହେଉ । ସେମାନେ ଖୁଦାଙ୍କ ନିକଟତର ହୁଅନ୍ତୁ । ଏବର୍ଷ ଜଲ୍‌ସା ସାଲାନାରେ ମୁଁ ହସହସ ଚେହେରା ପ୍ରକାଶ କରୁଥିବା ବହୁ ସଂଖ୍ୟକ ଭଲ ଲୋକଙ୍କୁ ଦେଖିବାକୁ ପାଇଲି ଯେଉଁମାନେ ଆମର ବହୁତ ସମ୍ମାନ କରୁଥିଲେ । ତାଙ୍କର ଏ ଦୃଢ଼ ବିଶ୍ୱାସ ରହିଛି କି ଉତମ ଚରିତ୍ରକୁ ଆପଣେଇ ଭଲ ଜୀବନ ବଂଚିପାରିବା ।

ଆଲେକ୍‌ଜାଣ୍ଡ୍ରା ଡୋନେଭା ସାହେବା ପୁଣି କହୁଛନ୍ତି ଯେ:- ମୁଁ କୃତଜ୍ଞତା ପରିପ୍ରକାଶ କରି ଏ କଥାର ସାକ୍ଷୀ ଦେଉଅଛି ଯେ ମୁଁ ଏପରି ଲୋକମାନଙ୍କୁ ଦେଖିଲି ଯେଉଁମାନେ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିଛନ୍ତି ଓ ସେମାନଙ୍କର ଇମାମ୍ ବହୁତ ଦୃଢ଼ । ମୋର ଆଶା ଅଛି ଯେ ଆପଣମାନେ ଏହି ପୁଣ୍ୟକାର୍ଯ୍ୟକୁ ଜାରି ରଖିବେ ଓ ଏ ସମ୍ବନ୍ଧରେ ଆହୁରି ଅଧିକା ଧ୍ୟାନ ଦେବେ ଓ ପୁଣି ଗୋଟିଏ ସମୟ ଏପରି ଆସିବ ଓ ଲୋକମାନେ ଏକଥା ଜାଣିପାରିବେ ଯେ ଜୀବନର ଅସଲ ଉଦ୍ଦେଶ୍ୟର ମୂଲ୍ୟ କଣ ।

(ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି) ଏହା ଜଣେ ଅଣ ଜମାତୀୟ ବ୍ୟକ୍ତିଙ୍କ ମନୋଭାବ ଓ ତାଙ୍କର ଏ ମନୋଭାବ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଛି ଯେ ଆମେ ବାସ୍ତବରେ ନିଜ ଜୀବନର ଉଦ୍ଦେଶ୍ୟକୁ ଚିହ୍ନିପାରିବା ଏବଂ ତାର ଉଦ୍ଦେଶ୍ୟକୁ ହାସଲ ମଧ୍ୟ କରିପାରିବା ।

ମେସିଡୋନିଆ ପ୍ରତିନିଧି ମଣ୍ଡଳରେ ସାମିଲ୍ ଥିବା ଜଣେ ଟି.ଭି ର ସାମ୍ବାଦିକ Zaronco Zorinski ସାହେବ୍ କହୁଛନ୍ତି ଯେ ମୁଁ ଦ୍ୱିତୀୟଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛି । ଏହା ମୋ ପାଇଁ ଗୌରବର କଥା । ଜଲ୍‌ସାର ସମସ୍ତ ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । ମୋ ମତରେ ଏ ବର୍ଷର ବ୍ୟବସ୍ଥା ପଛ ବର୍ଷ ଅପେକ୍ଷା ଭଲ ଥିଲା । ପୁଣି କହୁଛନ୍ତି ଆପଣଙ୍କର ଯେଉଁ ଭାଷଣ ଥିଲା ମୁଁ ତାହାକୁ ବହୁତ ଭଲ ଭାବେ ଉପଭୋଗ କରିଛି । ପ୍ରତ୍ୟେକ ଶବ୍ଦରେ ମାନବଜାତି ପାଇଁ ଗୋଟିଏ ଶିକ୍ଷା ଥିଲା । ଏହା ଏକ ଆନ୍ତର୍ଜାତୀୟ ବାର୍ତା ଅଟେ କି "ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ" । ପୁଣି କହୁଛନ୍ତି ଯେ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା ଓ ସମସ୍ତ ମାନବ ଜାତିକୁ ସାହାଯ୍ୟ କରିବା ହେଉଛି ଏପରି ଏକ କାମ ଯାହା ସବୁ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଲୋକମାନଙ୍କ ମଧ୍ୟରେ ଭେଦଭାବକୁ ଦୂର କରିଦେବ । ପୁଣି ସେ ଲେଖୁଛନ୍ତି ଯେ ଜମାତ୍ ଅହେମଦୀୟା ଲୋକମାନଙ୍କୁ ସକରାତ୍ମକ ବିଷୟ ଶିଖାଇଥାଏ । ପୁଣି ମୋର ଯେଉଁ ପ୍ରେସ୍ କନ୍‌ଫରେନ୍ସ୍ ଥିଲା ତା ସମ୍ବନ୍ଧରେ ସେ କହୁଛନ୍ତି ଯେ ଆପଣ ପତ୍ରକାର ମାନଙ୍କୁ ଯେଉଁ ଉତର ଦେଲେ ତାହା ମାନବଜାତିର ବୁନିଆଦି ସମ୍ମାନ/ପ୍ରତିଷ୍ଠାର ପରିପ୍ରକାଶ କରୁଥିଲା । ସେ କହୁଛନ୍ତି ମୁଁ ମଧ୍ୟ ଜଣେ ପତ୍ରକାର । ମୁଁ କୌଣସି ଏକ ସମୟରେ ଆପଣଙ୍କର ଇଂଟରଭ୍ୟୁ ନେବାପାଇଁ ଚେଷ୍ଟା କରିବି । ପୁଣି ସେ କହୁଛନ୍ତି ଯେ "ଭଲ ଉପଦେଶ ଦେଉଛନ୍ତି । ମୋର ଏ ଆଶା ଅଛି ଯେ ଆହୁରି ଅଧିକ ଲୋକେ ଅହେମଦୀୟତ୍‌କୁ ଗ୍ରହଣ କରିବେ । ଯେଉଁମାନେ ମାନବଜାତିର ଉନ୍ନତି ସାଧନ ନିମନ୍ତେ କାର୍ଯ୍ୟ କରିବେ" । ତେବେ ଏ ସଂସାରକୁ ଏକଥା ଦେଖାଯାଉଛି ଯେ ଇସ୍‌ଲାମ୍ ଇନ୍‌ଶାଅଲ୍ଲାଃ ଅହେମଦୀୟତ୍ ଯୋଗେ ବ୍ୟାପିଯିବ ।

ପୁଣି Vojo Manevski ସାହେବ୍ କହୁଛନ୍ତି ଯେ ମୁଁ ଗଭୀରକୁ ଯାଇ ଅହେମଦୀ ମୁସଲମାନଙ୍କ ବାର୍ତାକୁ ବୁଝିଛି । ଜଣେ ସାମ୍ବାଦିକ ହିସାବରେ ବିଭିନ୍ନ ଧର୍ମରେ ଶିକ୍ଷାର ସମତାକୁ ଅନୁଧ୍ୟାନ କରିଛି । ଧର୍ମର ଆଧାର ଅଲ୍ଲାଃତାଲାଙ୍କ ସହିତ ପ୍ରେମ କରିବା ଏବଂ ମାନବଜାତି ସହିତ ପ୍ରେମ କରିବାରେ ହିଁ ନିହିତ ଅଛି । ଏହା ଏପରି ଏକ ବାର୍ତା ଯାହା ଆଜିର ଯୁଗରେ ଅତ୍ୟନ୍ତ ଆବଶ୍ୟକ । ଆଜିର ଏ ପୃଥିବୀରେ ଅନେକ ସମସ୍ୟାର ସମାଧାନ ଯାହା ପୃଥିବୀକୁ ଭୀଷଣ ଦ୍ୱନ୍ଦରେ ପକାଇଛି, ଏହି ପ୍ରେମର ବାର୍ତାଦ୍ୱାରା ହିଁ ହୋଇପାରିବ । ଆଜି ୟୁରୋପ୍‌ର ବହୁତ ବଡ ସମସ୍ୟା ଦକ୍ଷିଣ ପନ୍ଥୀ ରାଜନୈତିକ ଶକ୍ତିରେ ବୃଦ୍ଧିଘଟିବା ଦ୍ୱାରା ଉପୁଜିଛି ଯାହାର ସମାଧାନ କେବଳ ବାର୍ତାଳାପ ଦ୍ୱାରା ହିଁ ସମ୍ଭବ ଓ ତାହା ବିଭିନ୍ନ ଧର୍ମ, ସଂସ୍କୃତି ଏବଂ ସଭ୍ୟତା ମଧ୍ୟରେ କରାଯାଇପାରେ । ଯଦି ଆମେ ଇଶ୍ୱରଙ୍କୁ ଖୋଜିବା ତେବେ ଆମେ ଜାଣିପାରିବା ଯେ ଆମମାନଙ୍କ ମଧ୍ୟରେ ଆପୋଷରେ କିଛି ଅଧିକା ଫରକ ନାହିଁ । ପୁଣି କହୁଛନ୍ତି ଯେ ଆମେ ଯେତେଯେତେ ଇଶ୍ୱରଙ୍କଠାରୁ ଦୂରେଇଯିବା ସେତେମାତ୍ରାରେ ମାନବଜାତି ଓ ଲୋକମାନଙ୍କଠାରୁ ଦୂରେଇ ରହିବା । ଏହି ଭୌତିକବାଦୀ ଯୁଗ ଆଧ୍ୟାତ୍ମିକ ଜୀବନ ଓ ଆପୋଷ ସଦ୍‌ଭାବନାକୁ ନିଃଶେଷ କରୁଅଛି ତେଣୁ ଆମେ ନିଜ ନିଜର ପରିବାର ଓ ବନ୍ଧୁକୁ ସୁରକ୍ଷିତ ରଖିବା ଓ ସମ୍ପର୍କକୁ ଦୃଢ଼ ରଖିବା ।

ପୁଣି ଜଣେ Jali Redjepov ସାହେବ୍ କହୁଛନ୍ତି ଯେ ମୁଁ ମୋ ପରିବାର ସହିତ ଏ ଜଲ୍‌ସାରେ ସାମିଲ୍ ହୋଇଛି । ଏ ଜଲ୍‌ସା ବହୁତ ଭଲ ଲାଗିଲା ଓ ଏହି ଜଲ୍‌ସା ଆମପାଇଁ ଏକ ସୁନ୍ଦର ଅନୁଭବ ଥିଲା । ସେ ପୁଣି କହୁଛନ୍ତି । ମେସିଡୋନିଆରେ ଯେବେ ମୁଁ ସର୍ବପ୍ରଥମେ ଅହେମଦୀୟତ୍‌ର ବାର୍ତାକୁ ଶୁଣିଲି ସେତେବେଳେ ମୁଁ ଏ ଅନୁଭବ କରିଥିଲି ଯେ ଅହେମଦୀୟତ୍‌ର ବାର୍ତା ଲୋକମାନଙ୍କ ନିମନ୍ତେ ସକରାତ୍ମକ ମାର୍ଗଦର୍ଶନର କାର୍ଯ୍ୟ କରୁଅଛି । ପ୍ରଥମେ ମୋ ପରିବାର ଉକ୍ତ ବାର୍ତାକୁ ଗ୍ରହଣ କଲେ ଓ ଧିରେଧିରେ ମୋର ମାର୍ଗଦର୍ଶନ କରାଇଲେ । ଜଲ୍‌ସାସାଲାନାରେ ଯୋଗଦେବାର ବ୍ୟବସ୍ଥା କରିବା ଯୋଗୁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ ।

ପୁଣି ଜଣେ ଅତିଥି Tanja ସାହିବା କହୁଛନ୍ତି ଯେ ମୁଁ ପ୍ରଥମଥର ପାଇଁ ଏ ଜଲ୍‌ସାରେ ଯୋଗ ଦେଇଛି । ଏଠାରେ ମୋ ପାଇଁ ସବୁକିଛି ନୂଆ ଥିଲା ଓ ବହୁତ ଉତମ ଥିଲା । ଏଠାର ସମସ୍ତ ବ୍ୟବସ୍ଥା ପ୍ରତିକ୍ଷେତ୍ରରୁ ବହୁତ ଭଲ ଥିଲା । ବିଶେଷ ରୂପେ କାମ କରୁଥିବା ଉତ୍ସର୍ଗୀମାନଙ୍କ ବ୍ୟବହାର ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ଥିଲା । ସେମାନେ ହସହସ ଚେହେରାରେ ବ୍ୟବହାର କରୁଥିଲେ । ଅତ୍ୟନ୍ତ ଉତମ ଚରିତ୍ର ପ୍ରଦର୍ଶନ କରି କାର୍ଯ୍ୟ ସମ୍ପାଦନ କରୁଥିଲେ ।

ପୁଣି ବୁଲ୍‌ଗେରିଆର ଜଣେ ୟୁନିଭର୍‌ସିଟିର ଛାତ୍ର କହୁଛନ୍ତି:- ଏଠାରେ ଲୋକମାନେ ବହୁତ ସହାନୁଭୂତିଶୀଳ ଥିଲେ । ସେଥିଯୋଗୁ ମୁଁ ଏଠାକୁ ଆସିଛି । ବୟତ ଉତ୍ସବକୁ ମୁଁ ଜଣେ ଦର୍ଶକ ରୂପେ ଦେଖୁଥିଲି । ମୋ ନିକଟରେ ନିଜର ମନୋଭାବକୁ ବ୍ୟକ୍ତ କରିବା ପାଇଁ ଶବ୍ଦନାହିଁ । ଲୋକମାନଙ୍କ ଏହିଭଳି ଏକାଠି ହେବା ଗୋଟିଏ ବିଚିତ୍ର କଥା ।

ବୁଲ୍‌ଗେରିଆରୁ ୪୯ ସଦସ୍ୟ ବିଶିଷ୍ଟ ଗୋଟିଏ ପ୍ରତିନିଧି ମଣ୍ଡଳ ସାମିଲ୍ ହୋଇଥିଲା । ତା ଭିତରେ ୧୫ଜଣ ଅହେମଦୀ ଥିଲେ, ୩୪ଜଣ ଅଣଜମାତୀୟ ବ୍ୟକ୍ତି ଏବଂ କିଛି ଖ୍ରୀଷ୍ଟିୟାନ୍ ବନ୍ଧୁ ମଧ୍ୟ ସାମିଲ୍ ଥିଲେ । ଏହି ପ୍ରତିନିଧି ମଣ୍ଡଳରେ ସାମିଲ୍ ଥିବା ଜଣେ ଖ୍ରୀଷ୍ଟିୟାନ୍ ମହିଳା Yulia ସାହିବା କହୁଛନ୍ତି ମୁଁ ଏକଥାକୁ ଭାବି ବହୁତ ଭାବ ବିହ୍ୱଳ ହୋଇଯାଉଛି ଯେ ମୁଁ ମଧ୍ୟ ଅହେମଦୀୟା ଜମାତ୍‌ର ଜଲ୍‌ସାରେ ଏହି ହଜାର ହଜାର ସଂଖ୍ୟକ ଯୋଗଦାନକାରୀଙ୍କ ସହିତ ସାମିଲ୍ ହୋଇପାରିଛି । ଅବଶ୍ୟ ମୁଁ ହେଉଛି ଜଣେ ଖ୍ରୀଷ୍ଟିୟାନ୍ କିନ୍ତୁ (ହୁଜୁର୍ ଅନ୍‌ଓ୍ୱର୍ କହୁଛନ୍ତି) ସେ ମୋ ଭାଷଣ ସମ୍ବନ୍ଧରେ କହୁଛନ୍ତି ଯେ ମୋତେ ଏ ଭାଷଣଟି ବହୁତ ଭଲ ଲାଗିଲା । ଆପଣଙ୍କ ଦୁଆ (ପ୍ରାର୍ଥନା) ମନ ଉପରେ ଗଭୀର ପ୍ରଭାବ ପକାଇଥିଲା । ପବିତ୍ର କୋରାନ୍‌ର ଆବୃତି ମଧ୍ୟ ମୋତେ ବହୁତ ଭଲ ଲାଗିଲା ଓ ଏହାର ଅନୁବାଦ ମଧ୍ୟ । ପ୍ରଶଂସାଯୋଗ୍ୟ କଥା ହେଉଛି ଏହା କି ଛାତ୍ରଛାତ୍ରୀମାନଙ୍କୁ ଯେଉଁ ପୁରସ୍କାର ପ୍ରଦାନ କରାଗଲା ତାହା ଆପଣ ନିଜ ହାତରେ ହିଁ ପ୍ରଦାନ କଲେ ଓ ପୁଣି ଆଗକୁ ସେ କହୁଛନ୍ତି କି ଆପଣଙ୍କ ଦୁଆ ଗ୍ରହଣୀୟ ହେଉ ।

ବୁଲ୍‌ଗେରିଆ ଓ୍ୱଫଦ୍‌ରେ ଆସିଥିବା ଜଣେ ମହିଳା କ୍ରାସ୍‌ମିରା ସାହିବା କହୁଛନ୍ତି ମୋତେ ତୃତୀୟଥର ପାଇଁ ଜଲ୍‌ସାସାଲାନା ଜର୍ମାନୀରେ ଯୋଗଦେବାପାଇଁ ଅବସର ମିଳିଛି ଓ ପ୍ରତ୍ୟେକ ବର୍ଷ ମୋତେ ନୂଆ ନୂଆ କଥା ଶିଖିବାକୁ ମିଳୁଛି । ମୁଁ ଭାଷଣ ଗୁଡିକୁ ବହୁତ ଧ୍ୟାନ ଦେଇ ଶୁଣିଥାଏ । କାରଣ ମୁଁ ଜଣେ ଫିଜିଓ ଥେରାପିଷ୍ଟ ଓ ଜଣେ ସାଇକୋଲିଜିଷ୍ଟ । ମୁଁ ଉକ୍ତ ଭାଷଣ ଗୁଡିକରେ ଶିକ୍ଷା ଦିଆଯାଉଥିବା ଜମାତ୍ ଅହେମଦୀୟାର ତାଲିମ୍ ଜରିଆରେ ପ୍ରତ୍ୟେକ ରୋଗୀମାନଙ୍କର ସମସ୍ୟା ଗୁଡିକୁ ସଠିକ୍ ରୂପେ ସମାଧାନ କରିପାରୁଛି । ସେଥିପାଇଁ ମୁଁ ଏଠାରୁ ନିଜ ପାଇଁ ମୂଲ୍ୟବାନ ଉପଦେଶ ଗୁଡିକ ଏକାଠି କରି ସାଥିରେ ନେଇଯାଉଛି ।

ବୁଲ୍‌ଗେରିଆନ୍ ପ୍ରତିନିଧି ମଣ୍ଡଳର ଜଣେ ଖ୍ରୀଷ୍ଟିୟାନ୍ ମହିଳା ଇଭାଙ୍କା ସାହିବା କହୁଛନ୍ତି ମୁଁ ଏ ଜଲ୍‌ସାରେ ପ୍ରଥମଥର ପାଇଁ ସାମିଲ୍ ହୋଇଛି । ମୁଁ ଏଠାରେ ସବୁ ଜିନିଷକୁ ଦେଖି ବାସ୍ତବରେ ଆଶ୍ଚର୍ଯ୍ୟଚକିତ । ବିଶେଷ ରୂପେ ସେହି ଛୋଟଛୋଟ ପିଲାମାନଙ୍କଠାରୁ ମୁଁ ଅତ୍ୟନ୍ତ ପ୍ରଭାବିତ ହୋଇଛି ଯେଉଁମାନେ ଗ୍ଲାସ୍‌ଦ୍ୱାରା ଆମକୁ ପାଣିପିଆଉଥିଲେ ।

ପୁଣି ଜଣେ ମହିଳା ଗେଲିୟା ସାହିବା କହୁଛନ୍ତି- ମୁଁ ତିନିଦିନଯାକ ଜଲ୍‌ସାସାଲାନା ଜର୍ମାନୀରେ ସାମିଲ୍ ହୋଇଛି । ମୁଁ ଏହି ଜଲ୍‌ସାର ଆତିଥ୍ୟତାର ବ୍ୟବସ୍ଥାଦ୍ୱାରା ଅତ୍ୟନ୍ତ ପ୍ରଭାବିତ । ମୁଁ ସେହିସବୁ ଉତମ ଚରିତ୍ର ସମ୍ପନ୍ନ ଓ ପୁଣ୍ୟ ଭାବ ରଖୁଥିବା ଲୋକମାନଙ୍କ ଦ୍ୱାରା ମଧ୍ୟ ଅତ୍ୟନ୍ତ ପ୍ରଭାବିତ ହୋଇଛି ଯେଉଁମାନଙ୍କ ସହିତ ମୋତେ ଏ ଜଲ୍‌ସାରେ ମିଶିବା ପାଇଁ ସୁଯୋଗ ମିଳିଛି ।

ହଙ୍ଗେରୀ ଦେଶରୁ ମଧ୍ୟ ଏବର୍ଷ ଏକ ପ୍ରତିନିଧି ମଣ୍ଡଳ ଆସିଥିଲା । ସେଥିରେ ଆଠଜଣ ଅତିଥି ଥିଲେ ଓ ୧୧ଜଣ ଅହେମଦୀ ସାମିଲ୍ ଥିଲେ । ସେଥି ମଧ୍ୟରୁ ଜଣେ ହେଉଛନ୍ତି Szava Vince ସାହେବ ଯାହାଙ୍କ ସମ୍ପର୍କ ରୋମା ଜାତି ସହିତ ଅଛି, ସେ କହୁଛନ୍ତି ଯେ ଆମେ ନିଜ ଜାତିର ଉନ୍ନତି ପାଇଁ ଏବଂ ସେମାନଙ୍କର କାନୁନି ସାହାଯ୍ୟ ପାଇଁ ଗୋଟିଏ ସଂଗଠନ ଗଢ଼ିଛୁ ଓ ଏହି ସଂଗଠନରେ ୧୬ ହଜାରରୁ ଅଧିକ ସଦସ୍ୟ ଅଛନ୍ତି । ଜଲ୍‌ସାରେ ମୁଁ ପ୍ରଥମଥର ପାଇଁ ଯୋଗ ଦେଇଛି । ସେ କହୁଛନ୍ତି ଯେ ତାଙ୍କୁ ତାଙ୍କ ନିଜ କାମ ଯୋଗୁ ଭିନ୍ନ ଭିନ୍ନ ଲୋକମାନଙ୍କ ସହିତ ମିଶିବାକୁ ପଡ଼ିଥାଏ । ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯାଇ ଯୋଗ ଦିଅନ୍ତି ଓ ବିଭିନ୍ନ ପ୍ରୋଗ୍ରାମରେ ସାମିଲ୍ ହୁଅନ୍ତି । ୟହୁଦୀମାନଙ୍କ ପ୍ରୋଗ୍ରାମ୍‌ରେ ମଧ୍ୟ ସେ ଯାଇଛନ୍ତି । ସେହିପରି ମୁସଲମାନ୍ ଓ ଇସାଇମାନଙ୍କ ପ୍ରୋଗ୍ରାମ୍‌ରେ ମଧ୍ୟ ସାମିଲ୍ ହୋଇଛନ୍ତି । ସେ ବତାଇଲେ ଯେ ଯେଉଁ ପ୍ରେମ ଓ ମାନବଜାତିର ସମ୍ମାନ, ସମତା ଓ ଭାଇଚାରା ଏଠାକୁ ଆସି ଦେଖିବାକୁ ପାଇଲେ ସେ ଏପରି କେବେ ତାଙ୍କ ଜୀବଦଶାରେ ଦେଖିନାହାଁନ୍ତି ଓ ନା ହିଁ ଅନ୍ୟ କୌଣସି ପ୍ରୋଗ୍ରାମ୍‌ରେ ସେ ଏପରି ଦେଖିଛନ୍ତି । ସେ ଜମାତ୍ ଅହେମଦୀୟାକୁ ଧନ୍ୟବାଦ ଅର୍ପଣ କଲେ ଯେ ଜମାତ୍ ତାଙ୍କୁ ଏଠାକୁ ଆସିବା ପାଇଁ ଅବସର ଦେଲା କି ନିଜେ ଆସି ଦେଖନ୍ତୁ ଯେ ଆମେ ଯାହାକିଛି କହୁଅଛୁ ଅର୍ଥାତ୍ "ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ" ଏହାକୁ କାର୍ଯ୍ୟରେ ପରିପ୍ରକାଶ ମଧ୍ୟ ଏଠାରେ କରି ଦେଖାଉଛୁ । ସେ ପୁଣି କହିଲେ ଯେ ଏହାର ଅନୁଭବ ତାଙ୍କୁ ସାରା ଜୀବନ ରହିବ । ଏହାକୁ ସେ ଭୁଲାଇ ପାରିବେ ନାହିଁ ଓ ଏହି ଜଲ୍‌ସାରେ ଯୋଗ ଦେଇ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇଯାଇଛନ୍ତି । ପୁଣି କହୁଛନ୍ତି ନିଜ ଦେଶରେ ଯେଉଁଠି ମୁସଲମାନ୍ ଶରଣାର୍ଥୀମାନଙ୍କର ସମସ୍ୟା ଯୋଗୁ ସେମାନଙ୍କ ପାଇଁ ଏକପ୍ରକାର ଘୃଣାଭାବ ଉପୁଜିଛି କିନ୍ତୁ ଏଠାକୁ ଆସିବା ପରେ ଆମେ ମୁସଲମାନ ମାନଙ୍କ ପାଇଁ ପୂର୍ବାପେକ୍ଷା ଆହୁରି ଅଧିକା ସ୍ୱର ଉତଳନ କରିବୁ । ପୂର୍ବରୁ ମଧ୍ୟ ସ୍ୱର ଉତଳନ କରୁଥିଲୁ । କିନ୍ତୁ ଏବେ ଆହୁରି ଭୀଷଣ ଭାବେ ସ୍ୱରଉତଳନ କରିବୁ ଯେ ସେହି ମୁସଲମାନ ଯାହାଙ୍କ ସମ୍ବନ୍ଧରେ ମିଡିଆ ଏଣୁତେଣୁ ଖବର ଦେଉଛି ତାହା ସବୁ ବିଲ୍‌କୁଲ୍ ଭୁଲ୍ ।

ପୁଣି ଓ୍ୱଫା ହସନ୍ ଶର୍‌ମାନି ସାହିବା ଯିଏ ୟମନ୍‌ର ନିବାସୀ ଅଟନ୍ତି ଓ ସେ ନିଜ ପୁତ୍ର ଓ ମାଆଙ୍କ ସହିତ ହିଜ୍‌ରତ୍ କରି ହଙ୍ଗେରୀରେ ଆସି ରହୁଛନ୍ତି, ସେ କହୁଛନ୍ତି ଯେ ମୁଁ ଜଲ୍‌ସାରେ ପଛବର୍ଷ ଓ ଏବର୍ଷ ସାମିଲ୍ ହୋଇଛି ଓ ପଛବର୍ଷ ଯେବେ ମୁଁ ମହିଳାମାନଙ୍କ ନିମନ୍ତେ ଥିବା ସ୍ଥାନକୁ ଗଲି । ସେଠାରେ ମୁଁ ନିଜକୁ ଅତ୍ୟନ୍ତ ସୁବିଧାରେ ରହିବାରେ ଅନୁଭବ କଲି । (ହୁଜୁର୍ ଅନ୍‌ଓ୍ୱର୍ କହୁଛନ୍ତି) ଏବର୍ଷ ସେ ମହିଳାମାନଙ୍କ ଗହଣରେ ଯାଇ ଜଲ୍‌ସାର ପ୍ରତ୍ୟେକ ପ୍ରୋଗ୍ରାମ୍ ଶୁଣିଲେ । ସେ କହୁଛନ୍ତି ଯେ ତାଙ୍କପାଇଁ ଏଠାରେ ଏକ ବିଶେଷ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ଭାବବିହ୍ୱଳ ପରିବେଶ ଥିଲା ।

ପୁଣ ଜଣେ ଅତିଥି Besin Gjozi ସାହେବ୍ ଯିଏ ଶେଷ ଦିବସରେ ବୟତ କରି ଜମାତରେ ସାମିଲ୍ ହୋଇଛନ୍ତି, ସେ କହୁଛନ୍ତି ଯେ ଏଥିପାଇଁ ମୁଁ ଇଶ୍ୱରଙ୍କ ନିକଟରେ ବହୁତ ବହୁତ ଧନ୍ୟବାଦ ଅର୍ପଣ କରୁଛି ।

ଆଉଜଣେ ଅତିଥି Sinan Breshanaj ସାହେବ କହୁଛନ୍ତି ଯେ ମୁଁ ଏ ଜମାତ୍‌ରେ ସାମିଲ୍ ହେବାର କାରଣ ସେହି ସାକ୍ଷାତ୍‌କାର ଥିଲା ଯାହା କିଛିବର୍ଷ ପୂର୍ବେ ମୋ ସହିତ ତାଙ୍କର ହୋଇଥିଲା । ସେ କହୁଛନ୍ତି ସେବେଠାରୁ ସେ ବହୁତ ପ୍ରଭାବିତ ଥିଲେ । ସେଥିଯୋଗୁ ସେ ପ୍ରତ୍ୟେକ ବର୍ଷ ଜର୍ମାନୀ ଜଲ୍‌ସାସାଲାନାରେ ସାମିଲ୍ ହେଉଛନ୍ତି ।

ଆଉଜଣେ ଅହେମଦୀ ବନ୍ଧୁ Bekim Bici ସାହେବ୍ କହୁଛନ୍ତି ଯେ ମୁଁ ୨୦୦୪ ମସିହାରେ ବୟତ୍ କରିଛି । ଜର୍ନାଲିଜିମ୍‌ରେ ଗ୍ରାଜୁଏସନ୍ କରି ଉଚ୍ଚ ସଫଳତା ଲାଭ କରିଛି ଓ ସେ ଆଧାରରେ ୨୦୧୬ ମସିହାର ଜଲ୍‌ସାସାଲାନାରେ ମେଡାଲ୍ ମଧ୍ୟ ହାସଲ କରିଛି । ଏହାପରେ ମୁଁ ଆଲ୍‌ବାନିଆରେ ଅନ୍‌ଲାଇନ୍ ଖବରକାଗଜରେ ଜଣେ ପତ୍ରକାର ରୂପେ କାମ କରିଛି । ବିଗତ

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମ୍ଭମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

(ସୁରଃ ବକ୍ରାଃ: ୧୦୮)

ତାଲିବେ ଦୁଆ: *Farzan Ali Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

ବର୍ଷ ଯେତେବେଳେ ମୁଁ ଜଲ୍‌ସାସାଲାନାରେ ଯୋଗ ଦେବାପାଇଁ ଛୁଟି ଦରଖାସ୍ତ ଦେଲି ତାହା ମଞ୍ଜୁର୍ ହେଲାନାହିଁ । ଫଳତଃ ମୁଁ ସେ କାର୍ଯ୍ୟରୁ ଇସ୍ତଫା ଦେଇଦେଲି । କାରଣ ମୁଁ ଏ ଜଲ୍‌ସାସାଲାନାରେ ଅନୁପସ୍ଥିତ ରହିବାକୁ ଚାହୁଁନଥିଲି । ସେ କହୁଛନ୍ତି- ଅଲ୍ଲାଃତାଲା ସେହିଦିନ ମୋ ପାଇଁ ଆଉ ଏକ ମିଡିଆ କମ୍ପାନୀରେ କାମ ଯୋଗାଇଦେବେ । ସେଠାରେ ଏ ସର୍ତକୁ ମଧ୍ୟ ମଞ୍ଜୁର କରାଗଲା ଯେ ମୁଁ ଏବର୍ଷ ଜଲ୍‌ସାସାଲାନା ଜର୍ମାନୀରେ ଯୋଗ ଦେଇ। ଫେରିବା ପରେ କାମ ଆରମ୍ଭ କରିବି । ସେ କହୁଛନ୍ତି ସେହିପରି ଏବର୍ଷ ମଧ୍ୟ କେବଳ ଚାରିମାସ ହେବ ଗୋଟିଏ ଅନ୍‌ଲାଇନ୍ ଖବରକାଗଜରେ କାମ କରୁଥିଲି । କମ୍ପାନୀର ନିୟମ ମୁତାବକ ଛଅମାସ ପୂର୍ବରୁ ଛୁଟି ମିଳିବାର ନଥିଲା । ତେବେ ମଧ୍ୟ ମୁଁ ଜଲ୍‌ସା ପାଇଁ ଦରଖାସ୍ତ ଦେଲି । କିନ୍ତୁ ତାହା ମଞ୍ଜୁର୍ ହେଲାନାହିଁ । ଫଳତଃ ମୁଁ ଇସ୍ତଫା ଦେଇଦେଲି ଓ ସେହିଦିନ ମୋତେ ଆଉ ତିନୋଟି କମ୍ପାନୀ ତରଫରୁ କାମ କରିବା ପାଇଁ ଅଫର୍ ମିଳିଗଲା । ସୁତରାଂ ଏଥିରେ ମଧ୍ୟ ମୁଁ ଗୋଟିଏ ସ୍ଥାନରେ ଏ ସର୍ତ ରଖି କାମ କରିବା ପାଇଁ ରାଜି ହେଲି ଯେ ମୁଁ ଜଲ୍‌ସାସାଲାନା ଜର୍ମାନୀରେ ଯୋଗ ଦେଇ ଆସିବା ପରେ ହିଁ କାମ ଆରମ୍ଭ କରିବି । ସୁତରାଂ ମୋର ଏହି ସର୍ତକୁ ମଞ୍ଜୁର୍ କରିଦିଆଗଲା । (ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି) ଏହା ହେଉଛି ଇମାନ୍ ଓ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାର ବାସ୍ତବିକ ଉଦାହରଣ ଯାହା ନୂତନ ରୂପେ ଅହେମଦୀ ହୋଇଥିବା ଲୋକମାନେ ମଧ୍ୟ ପ୍ରତିଷ୍ଠା କରୁଛନ୍ତି ।

ପୁଣି ଜଣେ ଅହେମଦୀ ବନ୍ଧୁ Gezim Muzhaqi ସାହେବ୍ ଯାହାଙ୍କ ସମ୍ବନ୍ଧ ନାସ୍ତିକ ସୋସାଇଟି ସହିତ ଥିଲା । କିଛି ବର୍ଷ ପୂର୍ବେ ତାଙ୍କର ଯୋଗାଯୋଗ ଜମାତ୍ ସହିତ ହେଲା । ଧର୍ମ ସମ୍ବନ୍ଧରେ ଏବଂ ବିଶେଷ ରୂପେ ଇସ୍‌ଲାମ୍ ସମ୍ବନ୍ଧରେ ଜମାତ୍ ଅହେମଦୀୟା ଯେଉଁ ଯୁକ୍ତି ଉପସ୍ଥାପନ କରିଥାଏ ତାହା ତାଙ୍କୁ ବହୁତ ଯୁକ୍ତିଯୁକ୍ତ ଲାଗିଲା ଓ ପସନ୍ଦ ଆସିଲା । ଏହା ପୂର୍ବରୁ ମୌଲବୀ ମାନଙ୍କ ମନଗଢ଼ା କାହାଣୀ ଯୋଗୁ ତାଙ୍କ ମନ ଧର୍ମଠାରୁ ବିତୃଷ୍ଣା ହୋଇଯାଇଥିଲା । ସୁତରାଂ କିଛିବର୍ଷ ପୂର୍ବେ ସେ ବୟତ କଲେ ଓ ଏବେ ଧିରେଧିରେ ଇସ୍‌ଲାମୀୟ ଶିକ୍ଷା ଉପରେ ପରିଚାଳିତ ହେଉଛନ୍ତି । ସେ କହୁଛନ୍ତି ଯେ ଏ ଜଲ୍‌ସାସାଲାନା ମୋତେ ଅତ୍ୟନ୍ତ ସ୍ୱତନ୍ତ୍ର ମନେହେଲା । ଆତିଥ୍ୟ ପରାୟଣତା ଓ ବ୍ୟବସ୍ଥା ଗୁଡିକ ପ୍ରତିବର୍ଷ ଧରି ବହୁତ ଉଚ୍ଚକୋଟର ଥିଲା । ସେ କହୁଛନ୍ତି ଯେ ଲଜ୍‌ନାମାନଙ୍କ ପାଇଁ ମୋର ଯେଉଁ ଉଦ୍‌ଯାପନୀ ଭାଷଣ ଥିଲା ତାହା ମୋତେ ବହୁତ ପ୍ରଭାବିତ କରିଛି । ଏହି ବାର୍ତା ଆମେ ପୁରୁଷମାନେ ସର୍ବଦା ମନେ ରଖିବା ଉଚିତ୍ ।

ପୁଣି ଜଣେ ଅତିଥି Ilir Cylandji ସାହେବ୍ ଯିଏ ବାସ୍ତବିକ ଆଲ୍‌ବାନିଆ ଦେଶର କିନ୍ତୁ ଜର୍ମାନୀରେ ବସବାସ କରୁଛନ୍ତି । ସେ କହୁଛନ୍ତି- ଜଲ୍‌ସାସାଲାନା ହେଉଛି ପ୍ରତ୍ୟେକ ଅହେମଦୀ ମୁସଲ୍‌ମାନଙ୍କ ପାଇଁ ଗୋଟିଏ ମହାନ୍ ଆଧ୍ୟାତ୍ମିକ ସମାବେଶ ଯେଉଁଥିରେ ଜମାତ୍‌ର ସଦସ୍ୟମାନଙ୍କ ବ୍ୟତୀତ ଅନ୍ୟାନ୍ୟ ଧର୍ମାବଲମ୍ବୀ ଓ ବିଭିନ୍ନ ଜାତି ସହିତ ସମ୍ପର୍କ ରଖିଥବା ଲୋକମାନଙ୍କର ଏକ ବହୁତ ବଡ ସଂଖ୍ୟା ସାମିଲ୍ ହୋଇଥାଏ । ଜଲ୍‌ସାସାଲାନାରେ ସାମିଲ୍ ହୋଇ ତାଙ୍କୁ ଯେଉଁଠି ଇସ୍‌ଲାମ୍‌ର ମୂଳଶିକ୍ଷା ସହିତ ପରିଚୟ ପ୍ରାପ୍ତ ହୋଇଥାଏ ସେଠାରେ ଜମାତ୍ ଅହେମଦୀୟାରେ ପ୍ରତିଷ୍ଠିତ ଖିଲାଫତ୍ ବ୍ୟବସ୍ଥା ଜରିଆରେ ଉକ୍ତ ସୁନ୍ଦର ଶିକ୍ଷାର କାର୍ଯ୍ୟନମୁନା ଦେଖିବାର ମଧ୍ୟ ଅନୁଭବ ହୋଇଥାଏ । ସେ କହୁଛନ୍ତି ଏହି ତିନିଦିନ ମଧ୍ୟରେ ପୁରୁଷ ଓ ମହିଳାମାନଙ୍କ ଜଲ୍‌ସାଗାଃରେ କେବଳ ଇଜ୍‌ଲାସ୍ ଅନୁଷ୍ଠିତ ହୋଇଥାଏ ଓ ବର୍ତମାନ ଯୁଗର ପରିବର୍ତନ ଏବଂ ଆହ୍ୱାନ୍‌ର ମୁକାବିଲାରେ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ଉପସ୍ଥାପନ କରାଯାଇଥାଏ । ସେ କହୁଛନ୍ତି- ମୁଁ ଜଣେ ଅହେମଦୀ ମୁସଲ୍‌ମାନ୍ ହୋଇଥିବାରୁ ବର୍ଷତମାମ ଏହି ଆଧ୍ୟାତ୍ମିକ ଜଲ୍‌ସାକୁ ବହୁତ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଏ । କାରଣ ଏଠାରେ ବାସ୍ତବିକ ଭାଇଚାରାର ଆତ୍ମା ଦୃଷ୍ଟିଗୋଚର ହୋଇଥାଏ ଯାହାକୁ ବର୍ଣ୍ଣନା କରିବା ଅସମ୍ଭବ । ପୁଣି ସେ କହୁଛନ୍ତି କି ସମସ୍ତ କର୍ମୀମାନଙ୍କଠାରୁ ଓ ଜମାତ୍‌ର ସଦସ୍ୟମାନଙ୍କଠାରୁ ଏକ ପ୍ରାକୃତିକ ପ୍ରେମଭାବର ପରିପ୍ରକାଶ ହୋଇଥାଏ । ଏହି ଜଲ୍‌ସାରେ ଯୋଗଦେଇ ମୋତେ ଏପରି ଲାଗୁଛି ଯେପରି ମୁଁ ଜନ୍ନତ୍‌ରେ ଅଛି ଓ ଏ ପୃଥିବୀର ସବୁଠାରୁ ସୌଭାଗ୍ୟଶାଳୀ ବ୍ୟକ୍ତି ହେଉଛି ମୁଁ । ଏବେ ଆସନ୍ତା ବର୍ଷର ଜଲ୍‌ସାକୁ ବହୁତ ବ୍ୟାକୁଳତାର ସହିତ ମୁଁ ଅପେକ୍ଷା କରି ରହିବି ।

ପୁଣି ଜର୍ଜିଆ ଦେଶର ପ୍ରତିନିଧି ମଣ୍ଡଳ ୮୫ଜଣ ସଦସ୍ୟ ବିଶିଷ୍ଟ ଥିଲା ଓ ଯେତେ ଦେଶ ଏଠାରେ ପହଂଚିଛନ୍ତି ଏହା ସବୁଠାରୁ ବଡ ପ୍ରତିନିଧି ମଣ୍ଡଳ ଥିଲା । ଜଣେ ଉନ୍ନତିମୂଳକ ସଂଗଠନର ଚେୟାରମ୍ୟାନ୍ ବେସୋ ସାହେବ୍ କହୁଛନ୍ତି ଯେ ଏଠାରେ ବହୁତ ଅହେମଦୀ ଲୋକମାନଙ୍କ ସହିତ ବାର୍ତାଳାପ କରିବାର ଅବସର ମିଳିଲା ଓ ମୁଁ ବାର୍ତାଳାପ ସମୟରେ ଏକଥା ଅନୁଶୀଳନ କଲି ଯେ ଏହି ଜମାତ୍ କେତେ ମାତ୍ରାରେ ଧର୍ମୀୟ ସଦ୍‌ଭାବନାର ଖିଆଲ୍ ରଖୁଛି । ଏହାକୁ ଦୃଷ୍ଟି ଆଗରେ ରଖି ମୁଁ ଅହେମଦୀ ମାନଙ୍କ ସହିତ ବାର୍ତାଳାପ କରିବା ସମୟରେ ମୁଁ ସେମାନଙ୍କୁ ଅଚାନକ ବତାଇଲି ଯେ ମୁଁ ମୁସଲ୍‌ମାନ୍ ନୁହେଁ ବରଂ ଜଣେ ଇସାଇ । ମୋର ଏ ଧାରଣା ଥିଲା ଯେ ଏମାନେ ଏକଥା ଜାଣି ଏମାନଙ୍କର ଆଚରଣ ବଦଳିଯିବ ବୋଲି । କିନ୍ତୁ ମୁଁ ବହୁତ ଆଶ୍ଚର୍ଯ୍ୟ ହେଲି ଯେ ଏହି ଅହେମଦୀ ବନ୍ଧୁମାନେ ଯେଉଁଭଳି ପୂର୍ବରୁ ଉତମ ବ୍ୟବହାର ଦେଖାଉଥିଲେ । ସେହିଭଳି ନିଜର ବ୍ୟବହାରକୁ ପ୍ରକାଶ କରି ଚାଲିଲେ ଓ କୌଣସି ପ୍ରକାରର ବିଦ୍ୱେଷଭାବର ପରିପ୍ରକାଶ କଲେନାହିଁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି ଏହିପରି ଅନ୍ୟଲୋକମାନେ ଆମର ପରୀକ୍ଷା ନେବାକୁ ଚେଷ୍ଟା କରିଥାନ୍ତି ।

ଜର୍ଜିଆର ପ୍ରତିନିଧି ମଣ୍ଡଳରେ ଜଣେ ଧାର୍ମିକ ଜ୍ଞାନ ଆହରଣ କରିଥିବା ଛାତ୍ରୀ ନାନୁକା ସାହିବା ମଧ୍ୟ ସାମିଲ୍ ଥିଲେ ଓ ସେ ବୟତ୍ ଉତ୍ସବ ସମ୍ବନ୍ଧରେ ନିଜର ମନୋଭାବକୁ ବ୍ୟକ୍ତ କରୁଛନ୍ତି ଯେ ଏହି ବୟତ ଉତ୍ସବ ଅତ୍ୟନ୍ତ ଭାବବିହ୍ୱଳପୂର୍ଣ୍ଣ ଥିଲା । ମୋତେ ଧର୍ମୀୟ ଐକ୍ୟଭାବର ଗୋଟିଏ ଦୃଶ୍ୟ ଦେଖିବାକୁ ମିଳିଲା ଓ ମୋତେ ଜଣାପଡ଼ିଲା ଯେ କିଭଳି ବିଭିନ୍ନ ଜାତି ଓ ବର୍ଣ୍ଣର ଲୋକମାନେ ଶାନ୍ତିର ସହିତ ଏକାଠି ରହିପାରିବେ । ମୁଁ ଧର୍ମଶିକ୍ଷା ଆହରଣ କରୁଅଛି । ଏ ଜଲ୍‌ସାରେ ପ୍ରଥମଥର ପାଇଁ ଯୋଗଦେଇଛି ଓ ମୁଁ ଆଶା କରୁଛି ଯେ ଏହି ଜଲ୍‌ସା ଶାନ୍ତିପ୍ରାପ୍ତ କରିବାର ଏକ ଉତମ ମାଧ୍ୟମ ହେବ ।

ପୁଣି ଆଉଜଣେ ମହିଳା ଅତିଥି ନାନା କୁର୍ଦିୟାନୀ ସାହିବା କହୁଛନ୍ତି ମୁଁ ନା ତ ମୁସଲ୍‌ମାନ୍ ନା ତ ଖ୍ରୀଷ୍ଟିୟାନ୍ କିନ୍ତୁ ଏହି ଜଲ୍‌ସାରେ ଯୋଗଦେବା ପରେ ମୁଁ ନିଜକୁ ଇସ୍‌ଲାମ୍ ପ୍ରତି ଆକର୍ଷିତ ହେବାର ଦେଖିବାକୁ ପାଉଛି ଓ ମୁଁ ଏବେ ଏକଥା ଭାବିବାକୁ ବାଧ୍ୟ ହେଉଛି ଯେ ମୁଁ ମୋ ଧର୍ମ ସମ୍ବନ୍ଧରେ କିଛି ନିଷ୍ପତି ନେବି । ପୁଣି ଜର୍ଜିୟାର ଗୋଟିଏ ୟୁନିଭରସିଟିର ଶିକ୍ଷାର୍ଥି ଜିଓର୍ ଗିଓ ସାହେବ ଯିଏ ହେଉଛନ୍ତି ଜଣେ ଇମାମ୍‌ଙ୍କ ପୁତୁରା, ସେ କହୁଛନ୍ତି ଯେ ମୁଁ ନାମକୁ ମାତ୍ର ମୁସଲ୍‌ମାନ୍ କିନ୍ତୁ ଏବେ ଜଲ୍‌ସାରେ ସାମିଲ୍ ହୋଇ ଜମାତ୍ ଅହେମଦୀୟାର ଇମାମ୍‌ଙ୍କ ଭଲପାଇବାକୁ ଦେଖି ମୁଁ ଜମାତ୍ ଅହେମଦୀୟା ସମ୍ବନ୍ଧରେ ଆଗକୁ ଅଧ୍ୟୟନ କରିବି ।

କୋସୋଭରୁ ମଧ୍ୟ ୪୫ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ସାମିଲ୍ ହୋଇଥିଲା । ସେଥିରେ ୩୦ଜଣ ଅହେମଦୀ ଓ ୧୫ଜଣ ଅଣ ଅହେମଦୀ ଅତିଥି ଥିଲେ । ଜଣେ ବନ୍ଧୁ ମିଷ୍ଟର୍ ଶେପ୍ ଜକର୍‌ଜି ସାହେବ ଦ୍ୱିତୀୟ ଥର ପାଇଁ ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ସେ କହୁଛନ୍ତି ଯେ ଯେବେ ମୋତେ ଏତେଲା ମିଳିଲା ଯେ ଜଲ୍‌ସାରେ ସାମିଲ୍ ହେବାକୁ ପଡ଼ିବ ସେତେବେଳେ ମୁଁ ବହୁତ ଖୁସି ହୋଇଗଲି କିନ୍ତୁ ଯେତେବେଳେ ଏଥିପାଇଁ ଖର୍ଚ୍ଚର ବଜେଟ୍ ସମ୍ମୁଖକୁ ଆସିଲା ସେତେବେଳେ ବହୁତ ଦ୍ୱିବିଧାରେ ପଡ଼ିଗଲି । କିନ୍ତୁ ପୁଣି ସେ କହୁଛନ୍ତି ଏଠାରେ ଖଲିଫାଙ୍କ ସହିତ ସାକ୍ଷାତ୍‌କାର କରିବା ପାଇଁ ଓ ଜଲ୍‌ସାରେ ସାମିଲ୍ ହେବା ପାଇଁ ମୋ ଭିତରେ ଏକ ଉତ୍ସାହ ଥିଲା । ସେଥିଯୋଗୁ ସେ କହୁଛନ୍ତି ଯେ ମୁଁ ଏହି ଯାତ୍ରା ନିମନ୍ତେ ମୋର ଗାଈକୁ ବିକ୍ରି କରି ଜଲ୍‌ସାରେ ସାମିଲ୍ ହେବାର ଖର୍ଚ୍ଚ ପୂରଣ କଲି । ହଜୁର୍ ଅନୁଓ୍ୱର୍ କହୁଛନ୍ତି ଏହିପରି ଲୋକମାନେ ଅହେମଦୀ ହେବାପରେ ଆର୍ଥିକ ବଳିଦାନ କରିବା ପାଇଁ ଚେଷ୍ଟା କରୁଛନ୍ତି । ପୁରୁଣା ଯୁଗର ଯେଉଁ ଦୃଷ୍ଟାନ୍ତ ରହିଛି ତାହା ଏମାନେ କାଏମ୍ କରୁଛନ୍ତି ।

କୋସୋଭୋର ଓ୍ୱଫଦ୍‌ରେ ମିଷ୍ଟର୍ ସ୍କେଣ୍ଡର୍ ଅସଲାନି ସାହେବ୍ ମଧ୍ୟ ଅଛନ୍ତି ଯିଏ ଆଲ୍‌ବାନିଆ ଭାଷା ଓ ସାହିତ୍ୟର ଶିକ୍ଷକ ଅଛନ୍ତି । ତାଙ୍କୁ ଏବର୍ଷ ବୟତ୍ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ସେ କହୁଛନ୍ତି ଯେ ମୁଁ ଏ ଜଲ୍‌ସାର ବ୍ୟବସ୍ଥାରେ କୌଣସି ଦୁର୍ବଳତା ଖୋଜିବା ପାଇଁ ଚେଷ୍ଟା କଲି କିନ୍ତୁ ମୋତେ କିଛି ମିଳିଲା ନାହିଁ । ଭାଷଣ ଗୁଡିକର ମାନ ବହୁତ ଉଚ୍ଚକୋଟୀର ଥିଲା ଓ ପୁଣି ସେ କହୁଛନ୍ତି କି ସେ ମୋ ଭାଷଣଦ୍ୱାରା ବହୁତ ପ୍ରଭାବିତ ହୋଇଛନ୍ତି । ପୁଣି ସେ କହୁଛନ୍ତି କି ବୟତ୍ କରିବା ହେଉଛି ତାଙ୍କପାଇଁ ଏକ ପୁରସ୍କାର ଯାହାର ସମ୍ମାନ ଆମ ସମସ୍ତଙ୍କୁ କରିବା ଉଚିତ୍ । କାରଣ ଆଜିକାଲିର ଏହି ପରିବେଶରେ ଗୋଟିଏ ହାତରେ ଏକାଠି ହେବା ହେଉଛି ସଫଳତାର ଚାବିକାଠି ।

ଏ ଜଲ୍‌ସାରେ ସାମିଲ୍ ହେବାପାଇଁ ମାଲ୍‌ଟା ଦେଶରୁ ତିନିଜଣ ମହିଳା ଆସିଥିଲେ । ସେମାନେ କହୁଛନ୍ତି ଯେ ଆମର ବହୁତ ଭଲ ରୂପେ ଏଠାରେ ଧ୍ୟାନ ରଖାଗଲା । ମହିଳାମାନଙ୍କ ମାର୍କିରେ ଏକ ପରିବାରର ପରିବେଶ ଥିଲା । ଏପରି ଲାଗୁଥିଲା ଯେପରି ଆମେ ଜଣେ ଅନ୍ୟଜଣକୁ ବହୁତ ଭଲ ରୂପେ ବୋଧହୁଏ ଶହଶହ ବର୍ଷରୁ ଜାଣିଛୁ । ପୁଣି ସେ କହୁଛନ୍ତି ଯେ ମହିଳାମାନଙ୍କ ମାର୍କିରେ ବହୁତ ସୁବିଧା ଥିଲା ଏବଂ ଆମକୁ ଦୁଇପଟର ପରିବେଶକୁ ଅନୁଭବ କରିବା ପାଇଁ ଅବସର ମିଳିଲା । ପୁରୁଷ ମହିଳାମାନଙ୍କ ନିମନ୍ତେ ଇସ୍‌ଲାମୀୟ ଶିକ୍ଷାରେ ଅଲଗା ଅଲଗା ବ୍ୟବସ୍ଥା କରିବା ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି ତାହାର ରହସ୍ୟକୁ ବୁଝିବା ପାଇଁ ମୌକା ମିଳିଲା ଓ ଆମେ ମଧ୍ୟ ନିଜ ଅନୁଭବର ଆଧାରରେ ଏକଥା ମଧ୍ୟ କହିପାରିବୁ ଯେ ଇସ୍‌ଲାମୀୟ ଶିକ୍ଷା ହେଉଛି ଅତ୍ୟନ୍ତ ଗଭୀର ଓ ବୁଦ୍ଧିମତାରେ ପରିପୂର୍ଣ୍ଣ ଶିକ୍ଷା । ମହିଳାମାନେ ଅଲଗା ଗୋଟିଏ ସ୍ଥାନରେ ରହି ଏ ଜଲ୍‌ସାକୁ ଉପଭୋଗ କରିବାରେ ସହଜତା ଓ ଶାନ୍ତି ଅନୁଭବ କରୁଛନ୍ତି । ସେମାନଙ୍କୁ ତାଙ୍କ ନିଜର ବ୍ୟବସ୍ଥା କରିବା ପାଇଁ ଓ ନିଜର ଯୋଗ୍ୟତାକୁ ପ୍ରଦର୍ଶନ କରିବା ପାଇଁ ବ୍ୟାପକ ଅବସର ମିଳୁଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି ଯେ ସୁତରାଂ ଅନ୍ୟମାନେ ମଧ୍ୟ ଏବେ ଏକଥାକୁ ସ୍ୱୀକାର କରିବାକୁ ଲାଗିଲେଣି ଯେ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଅଲଗା ଅଲଗା ବ୍ୟବସ୍ଥା କରିବା ବାସ୍ତବରେ ଅତ୍ୟନ୍ତ ଜରୁରୀ ଅଟେ ଓ ଆମ ଯୁବପିଢ଼ୀଙ୍କର ଓ କିଛି ଯୁବତୀମାନଙ୍କୁ ଯେଉଁଭଳି କିଛି ଭାବନା ଆସୁଛି ଯେ ଆମେ ଏକାଠି କାହିଁକି ହେଉନାହେଁ । ଏଥିରେ ତ ସ୍ୱାଧିନତା ନାହିଁ ? ସେମାନଙ୍କୁ ଉକ୍ତ କଥା ବିଷୟରେ ଚିନ୍ତା କରିବା ଉଚିତ୍ ।

ମାଲ୍‌ଟା ଦେଶରୁ ଆସି ଜଲ୍‌ସାରେ ଯୋଗଦେଇଥିବା ଜଣେ ମହିଳା ଅତିଥି, ଯିଏ ଏବେ ଏବେ ବିଭା ହୋଇଛନ୍ତି, ସେ କହୁଛନ୍ତି ଯେ ମହିଳାମାନଙ୍କ ନିମନ୍ତେ ଆପଣ ଯେଉଁ ଭାଷଣ ପ୍ରଦାନ କରିଥିଲେ ତାହାଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି । ଆପଣ ପୁରୁଷ ଓ ମହିଳାମାନଙ୍କର ଅଧିକାର ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ପ୍ରତ୍ୟେକଙ୍କ ଘରେ କିଛି ନା କିଛି ସମସ୍ୟା ଉପୁଜିଥାଏ । ତେଣୁ ଏ ସମ୍ବନ୍ଧରେ ଆପଣଙ୍କର ଏହି ମାର୍ଗଦର୍ଶନ ସବୁବେଳ ପାଇଁ ଅତ୍ୟନ୍ତ ଫଳପ୍ରଦ ପ୍ରମାଣିତ ହେବ । ପୁଣି କହୁଛନ୍ତି ଯେ ଇସ୍‌ଲାମ୍‌ରେ ଯେଉଁ ଶିକ୍ଷା ଦିଆଯାଇଛି କି ବିବାହ କରିବା ପୂର୍ବରୁ ପବିତ୍ରତା ରକ୍ଷା କରିବା ଓ ସତିତ୍ୱ ରକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଅଟେ । ଆଧ୍ୟାତ୍ମିକ ଓ ଶାରିରୀକ ପବିତ୍ରତା, ଧର୍ମପରାୟଣତା ଓ ବାହ୍ୟ ପବିତ୍ରତା ପ୍ରତି ହଜୁର୍ ଆମର ମାର୍ଗଦର୍ଶନ କଲେ । ପୁଣି କହୁଛନ୍ତି- ଯଦି କେବେ ପୁନର୍ବାର ଜଲ୍‌ସାରେ ସାମିଲ୍ ହେବି ସେତେବେଳେ ସବୁତକ ସମୟ ମହିଳାମାନଙ୍କ ଗହଣରେ ବିତାଇବି । କାରଣ ସେଠାରେ ଯେଉଁ ପରିବେଶ ଉପଲବ୍ଧ ହେଲା ତାହା ଅତ୍ୟନ୍ତ ଧାର୍ମିକ ଓ ଆଧ୍ୟାତ୍ମିକ ଥିଲା ।

ପୁଣି କଜାକିସ୍ତାନ୍‌ର ଜଣେ ଅତିଦ୍ ଅବ୍‌ଦୁଲ୍ ସତାର୍ ସାହେବ୍ କହୁଛନ୍ତି ଯେ ମୁଁ ଅହେମଦୀ ମାନଙ୍କ ସମ୍ବନ୍ଧରେ ବହୁତ କିଛି ଶୁଣିଥିଲି । ଉଦାହରଣ ସ୍ୱରୂପ ଏମାନେ ମୁସଲ୍‌ମାନ୍ ନୁହଁନ୍ତି ଓ ଏମାନେ ମଦ୍ୟପାନ କରିବାକୁ ଉଚିତ୍ ମଣନ୍ତି ଇତ୍ୟାଦି । ଜଲ୍‌ସାରେ ସାମିଲ୍ ହେବା ପୂର୍ବରୁ ଅହେମଦୀ ମାନଙ୍କ ମସ୍‌ଜିଦ୍ ସୁବ୍‌ହାନ୍ ଦେଖିଲି । ଏହା ଜର୍ମାନୀରେ ଅବସ୍ଥିତ । ଯେତେବେଳେ

ସେଠାରେ ନମାଜ ପାଠ କଲି ଓ ଦେଖିବାକୁ ପାଇଲି ଯେ ଏମାନେ ମୁସଲ୍‌ମାନ୍ ଓ ଧର୍ମର ପାଂଚୋଟି ସ୍ତମ୍ଭ ଉପରେ ପରିଚାଳିତ ହେଉଛନ୍ତି । ଜଲ୍‌ସାରେ ସାମିଲ୍ ହୋଇ ଜାଣିବାକୁ ପାଇଲି ଯେ ଏମାନେ ଇମାମ୍ ମେହ୍‌ଦୀକୁ ମାନୁଛନ୍ତି ଓ ବିଲ୍‌କୁଲ୍ ମଦ୍ୟପାନ କରନ୍ତି ନାହିଁ ଓ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ପରିଚାଳିତ ହେଉଛନ୍ତି । ଏଠାରେ ଜଲ୍‌ସାରେ ସାମିଲ୍ ହେବାପରେ ଅହେମଦୀ ମାନଙ୍କ ସମ୍ବନ୍ଧରେ ବହୁତ କିଛି ଜ୍ଞାନ ଆହରଣ ହେଲା । ଏବେ ମୁଁ ସ୍ୱତଃପ୍ରୃତ ଭାବେ ଆପଣମାନଙ୍କୁ ମୁସଲ୍‌ମାନ ରୂପେ ଜାଣିବାକୁ ଲାଗିଲି । ଦୀନ୍‌ର ସ୍ତମ୍ଭ ଏବଂ ଇସ୍‌ଲାମ୍‌ର ସ୍ତମ୍ଭ ଯାହାକୁ ଆପଣମାନେ ନିର୍ବାହ କରୁଛନ୍ତି ତାହା ତ ଜଣେ ମୁସଲ୍‌ମାନ ପାଇଁ ଉର୍ଦ୍ଧ୍ୱେଷ୍ଟ । ହଜ୍ ପରେ ଏଠାରେ ଏତେ ସଂଖ୍ୟକ ମୁସଲ୍‌ମାନଙ୍କୁ ଏକାଠି ହେବାର ମୁଁ ଦ୍ୱିତୀୟବାର ଦେଖିବାକୁ ପାଇଲି ।

ଲିଥୁଆନିଆ ଦେଶରୁ ୫୮ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍‌ସାରେ ସାମିଲ୍ ହୋଇଥିଲା । ୪୬ଜଣ ଗଏର୍ ଅହେମଦୀ ଓ ୧୨ଜଣ ଅହେମଦୀ ଥିଲେ । ସେଠିକାର ଜଣେ ଅତିଥି ପେଟ୍ରସ୍ ଜାନୁଲିଓନିସ୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ ଏ ଜଲ୍‌ସାରେ ଯୋଗଦେବା ପୂର୍ବରୁ ଇସ୍‌ଲାମ୍ ସମ୍ବନ୍ଧରେ ମୋର ଧାରଣା କିଛି ଭଲ ନଥିଲା । କିନ୍ତୁ ଜଲ୍‌ସାରେ ସାମିଲ୍ ହେବା ପରେ ଇସ୍‌ଲାମ୍ ସମ୍ବନ୍ଧରେ ମୋର ମନୋଭାବ ସକରାତ୍ମକ ହୋଇଯାଇଛି । ମୋତେ ଏ ଜଲ୍‌ସାରେ ଏକଥା ଅନୁଭବ ହେଲା ଯେ ମୁସଲ୍‌ମାନମାନେ ନିଜ ବିଶ୍ୱାସ ସହିତ ଅତ୍ୟନ୍ତ ଗମ୍ଭୀର ବରଂ ମୁଁ ଏକଥା କହିବାକୁ ଚାହିଁବି ଯେ ଖ୍ରୀଷ୍ଟିୟାନ୍‌ମାନଙ୍କ ତୁଳନାରେ ଅଧିକ ଗମ୍ଭୀର ।

ପୁଣି ଲିଥୁଆନିଆରୁ ଆସିଥିବା ମାନିଫା ସାହିବା କହୁଛନ୍ତି ଯେ ଜଲ୍‌ସାରେ ଯୋଗଦେବା ପୂର୍ବରୁ ଇସ୍‌ଲାମ୍ ସମ୍ବନ୍ଧରେ ମୋ ନିକଟରେ କିଛି ସଙ୍କୋଚ ଭାବ ଥିଲା କାରଣ କିଛି ମୁସଲ୍‌ମାନ୍ ବହୁତ କ୍ରୋଧି ଓ ଅନ୍ୟ ଧର୍ମ ସମ୍ବନ୍ଧରେ ସହନଶୀଳତା ଦେଖାନ୍ତି ନାହିଁ କିନ୍ତୁ ଜଲ୍‌ସାରେ ସାମିଲ୍ ହେବା ପରେ ମୋତେ ଏ ଶିକ୍ଷା ମିଳିଲା ଯେ ଅହେମଦୀ ମୁସଲ୍‌ମାନମାନେ ଅନ୍ୟ ମାନଙ୍କ ରାୟ ଓ ଧର୍ମର ସମ୍ମାନ କରିଥାନ୍ତି ଓ ଏମାନେ ସମଗ୍ର ମାନବଜାତିଙ୍କ ପାଇଁ ଶାନ୍ତି ଓ ପ୍ରେମଭାବକୁ ବାଂଟୁଥିବା ଲୋକ ଅଟନ୍ତି ।

ଲିଥୁଆନିଆରୁ ଗୋଟିଏ ଲୟର କମ୍ପାନୀର ମୁଖିଆ ଆସିଥିଲେ । ତାଙ୍କ ନାମ ହେଉଛି ଶାରୁନାସ୍ । ସେ କହୁଛନ୍ତି କି ଏହି ଜଲ୍‌ସାସାଲାନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଜଲ୍‌ସା ଥିଲା କାରଣ ଏଥିରେ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷା ବିଷୟରେ ଜ୍ଞାନ ମିଳୁଅଛି ଓ ଇସ୍‌ଲାମ୍ ସମ୍ବନ୍ଧରେ ଯେଉଁ ଭୁଲ୍ ଧାରଣା ରହିଛି ତାହାର ମୂଳୋତ୍ପାଟନ ହେଉଅଛି ।

ଶିରିଆ ଦେଶର ଜଣେ ବନ୍ଧୁ ଯିଏ ଜାନୁୟାରୀ ୨୦୧୯ରେ ବୟତ କରିଥିଲେ ସେ ତାଙ୍କ ନିଜ ବୟତ୍‌ର ଘଟଣାବଳୀ ସମ୍ପର୍କରେ କହିଲେ ଯେ ତାଙ୍କ ବାପା ୨୦୦୮ ମହିହାରେ ଶିରିଆରେ ବୟତ୍ କରିଥିଲେ । ତାପରେ ତାଙ୍କର ଜଣେ ଭାଇ ମଧ୍ୟ ବୟତ୍ କଲେ । କିନ୍ତୁ ମୁଁ ତିନିଥର ଜଲ୍‌ସାରେ ଯୋଗ ଦେଇସାରିଲିଣି ଓ ଏଠାରେ ଲୋକମାନଙ୍କୁ ଭାବବିହ୍ୱଳ ହୋଇ କାନ୍ଦିବାର ଦେଖି ଆଶ୍ଚର୍ଯ୍ୟ ହେଉଥିଲି ଓ ପୁଣି ହସୁଥିଲି ଯେ ଏମାନେ କାହିଁକି କାନ୍ଦୁଛନ୍ତି । ସେହିପରି ମୁଁ ବିରୋଧ କରୁଥିଲି ଓ ବୟତ କରୁନଥିଲି । ପୁଣି ଈଶ୍ୱରଙ୍କ ଠାରୁ ଏ ପ୍ରାର୍ଥନା କରୁଥିଲି ଯେ ଯଦି ଏ ଜମାତ୍ ହେଉଛି ସତ୍ୟ ତେବେ ଅଲ୍ଲାଃତାଲା ମୋ ସ୍ୱୟଂ ହିଁ ମାର୍ଗ ଦର୍ଶନ କରାନ୍ତୁ । ଏଥିରେ ମୁଁ ଗୋଟିଏ ସ୍ୱପ୍ନ ଦେଖିଲି ଯେ ଏହିଭଳି ଗୋଟିଏ ସାକ୍ଷାତ୍‌କାରର ଅବସରରେ ଲୋକମାନେ ବସିଛନ୍ତି ଓ ମୁଁ ପ୍ରଥମ ଧାଡିରେ ବସିଛି । ସେଠାରେ ସମସ୍ତେ ନୀରବ ବସିଛନ୍ତି । ହଜୁର୍ ଅନୁଓ୍ୱର୍ କହୁଛନ୍ତି ଯେ ସେ କହୁଛନ୍ତି କି ଆପଣ ଆସୁଛନ୍ତି (ଅର୍ଥାତ୍ ହଜୁର୍ ଆସୁଛନ୍ତି) ଓ ମୁଁ ଅଚାନକ କାନ୍ଦିବାକୁ ଲାଗୁଛି । ତାହା ଦେଖି ମୁଁ ତାଙ୍କୁ ନିଜ ପାଖକୁ ଡାକିଲି ଓ ବହୁତ ସ୍ନେହର ସହିତ ପଚାରିଲି ଯେ ଏଠି ଆସି ମୋ ନିକଟରେ ବସିଯାଓ । ସେ କହୁଛନ୍ତି କି ଏହି ସମୟରେ ମୋର ନିଦ ଭାଙ୍ଗିଗଲା । ତେଣୁ ବୟତ କରିବା ପାଇଁ ମୋ ହୃଦୟରେ ଶାନ୍ତ୍ୱନା ମିଳିଲା । ସୁତରାଂ ମୁଁ ବୟତ କରିନେଲି । ହଜୁର୍ ଅନୁଓ୍ୱର୍ କହୁଛନ୍ତି ଏହି ଘଟଣାକୁ ସେ ନିଜେ ମଧ୍ୟ ମୋତେ ଶୁଣାଇଛନ୍ତି ଓ ସାକ୍ଷାତ୍‌କାର୍ ସମୟରେ ମଧ୍ୟ ସେ ଅତ୍ୟନ୍ତ ଭାବ ବିହ୍ୱଳ ଥିଲେ । ପୁଣି ପରେ ଯେତେବେଳେ ମଧ୍ୟ ତାଙ୍କ ଉପରେ ମୋର ଦୃଷ୍ଟି ପଡୁଥିଲା ସେତେବେଳେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇଯାଉଥିଲେ ।

ବେଲ୍‌ଜିୟମ୍‌ରୁ ଆସିଥିବା ଜଣେ ଯୁବକ ଲୌଖ୍ ବାଲନ୍ ସାହେବ୍ କହୁଛନ୍ତି ଯେ ମୁଁ କିଛି ମାସ ପୂର୍ବେ ବୟତ କରିଥିଲି ଓ ପ୍ରଥମଥର ପାଇଁ ଜଲ୍‌ସାରେ ସାମିଲ୍ ହୋଇଛି । ଏହି ଜଲ୍‌ସାରେ ସାମିଲ୍ ହୋଇ ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଯେ ଏଠାରେ ଏତେ ସୁନ୍ଦର ଭାଇଚରାର ମାହୋଲ୍ ଅଛି । ପୂର୍ବରୁ ମୁଁ ଯାହା ଶୁଣିଥିଲି ତାହାର ବାସ୍ତବିକ ସ୍ୱରୂପ ଏହି ଜଲ୍‌ସାରେ ଦେଖିବାକୁ ମିଳିଲା । ଏହି ଆଧ୍ୟାତ୍ମିକ ପରିବେଶରେ ସାମିଲ୍ ହୋଇଥିବାକୁ ମୁଁ ମୋର ସୌଭାଗ୍ୟ ମଣୁଛି ।

ସିନିଗାଲ୍‌ରୁ ଆସିଥିବା ଜଣେ ଅତିଥି ଯିଏ ସେଠାରେ ତାଙ୍କ ଇଲାକାର କମିଶନର୍ ଅଛନ୍ତି ସେ ମୋ ସାକ୍ଷାତ୍‌କାରର ଚର୍ଚ୍ଚା କଲେ । ସେ କହୁଛନ୍ତି ଯେ ସାକ୍ଷାତ୍‌କାର ପରେ ମୁଁ ବହୁତ ଆନନ୍ଦିତ ହେଲି ଓ ଆପଣଙ୍କର ଯେଉଁ ଭାଷଣ ଥିଲା ତାହା ପ୍ରେମ ଓ ଏକେଶ୍ୱରବାଦର ଶିକ୍ଷା ଥିଲା । ତାହାଦ୍ୱାରା ମୁଁ ଅତ୍ୟନ୍ତ ପ୍ରଭାବିତ ହୋଇଛି ।  ପୁଣି ସେ କହୁଛନ୍ତି କି ଯଦି ମୁଁ ଜଲ୍‌ସାରେ ଯୋଗ ନଦେଇଥାନ୍ତି ଓ ଆପଣଙ୍କ ସହିତ ନମିଳିଥାନ୍ତି ତେବେ ମୁଁ ମୋ ଜୀବନର ବହୁତ ବଡ ଶୂନ୍ୟତା ଅନୁଭବ କରିଥାନ୍ତି । ଆଜି ମୁଁ ବୁଝୁଛି ଯେ ମୋ ଜୀବନର ମିଶନ୍ ସମ୍ପୂର୍ଣ୍ଣ ହୋଇଯାଇଛି ।

ସେ ଗୋଟଏ ଡଙ୍ଗା ଆଣିଥିଲେ ଓ ତାହାକୁ ନିଜ କୋଳରେ ଧରି ବସିଥିଲେ । ମୁଁ ପଚାରିବାରେ ସେ କହିଲେ ଯେ ଏହା ହେଉଛି ଗୋଟିଏ ଉପହାର ଯାହା ଆମେ ଆପଣଙ୍କ ପାଇଁ ଆଣିଅଛୁ ଓ ପୁଣି କହିଲେ ଯେ ଏହି ଡଙ୍ଗାଟି ହେଉଛି ଶାନ୍ତିର ଡଙ୍ଗା "ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ" ର ଡଙ୍ଗା । ଏବେ ଯିଏ ଏହା ଉପରେ ଆରୋହଣ କରିବ ସେ ହିଁ ଶାନ୍ତି ପାଇବ ଏବଂ ଏହା ହେଉଛି ଅହେମଦୀୟତ୍‌ର ଡଙ୍ଗା । ଏହି ଡଙ୍ଗାଟି ଉପହାର ସ୍ୱରୂପ ଦେବାରେ ଅନ୍ୟ ଏକ ଅର୍ଥ ହେଉଛି ଏହା କି ଆମ ଦେଶର ଆର୍ଥିକ ବ୍ୟବସ୍ଥା ଏହି ଡଙ୍ଗା ସହିତ ଜଡିତ । ସେଠାରେ ବହୁମାତ୍ରାରେ ମତ୍ସ୍ୟଜୀବି ଅଛନ୍ତି । ତେଣୁ ଆମ ଦେଶପାଇଁ ବିଶେଷ ରୂପେ ପ୍ରାର୍ଥନା କରନ୍ତୁ ।

ପୁଣି ତାଙ୍କ ସହିତ ଆଉଜଣେ ଅତିଥି ଥିଲେ ଯିଏ ସେଠାରେ ସେଟେଲ୍‌ମେଂଟ୍ କାର୍ଯ୍ୟାଳୟରେ ଡିରେକ୍ଟର୍ ଅଛନ୍ତି, ସେ ଡାକ୍ତରଖାନା ସନ୍ଦର୍ଭରେ ମଧ୍ୟ ମୋତେ ଧନ୍ୟବାଦ ଜଣାଇଲେ ଓ ଏକଥା ମଧ୍ୟ କହିଲେ ଯେ ଏଠାକୁ ଆସି ସେ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଦେଖିବାକୁ ପାଇଲେ । ପୁଣି ସେ କହୁଛନ୍ତି ଯେ ମୁଁ ପୃଥିବୀର ଅନେକ ଦେଶ ଦେଖିଛି । ଧାର୍ମିକ ଓ ରାଜନୈତିକ ସମାବେଶ ମଧ୍ୟ ଦେଖିଛି । ଆମେରିକା ଓ ୟୁରୋପ ସବୁସ୍ଥାନ ଯାଇଛି । କିନ୍ତୁ ଆଜିପର୍ଯ୍ୟନ୍ତ ଏପରି ବ୍ୟବସ୍ଥା, ଏଭଳି ବାସ୍ତବିକ ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ଏପରି ସ୍ୱରୂପ ଏହା ପୂର୍ବରୁ କେବେ ମଧ୍ୟ ଦେଖିନାହିଁ । ଏପରି ଆଜ୍ଞାନୁବର୍ତିତା କେବେ ଦେଖିନାହିଁ ଯାହା ମୁଁ ଏଠିକାର ଲୋକମାନଙ୍କ ମଧ୍ୟରେ ଦେଖିବାକୁ ପାଇଲି । ସେହିପରି ଖିଲାଫତ୍ ସହିତ ଏତେମାତ୍ରାରେ ଭକ୍ତି ଓ ଭଲପାଇବା ମୁଁ କଦାପି କେଉଁଠାରେ ଦେଖିନାହିଁ । ପୁଣି ସେ କହୁଛନ୍ତି କି ମୁଁ ପୂର୍ଣ୍ଣ ବିଶ୍ୱାସର ସହିତ ଏକଥା କହିପାରିବ ଯେ ଏ ପୃଥିବୀରେ କୌଣସି ସ୍ଥାନରେ ମଧ୍ୟ କୌଣସି ବ୍ୟକ୍ତି ନିଜର ରାଜନୈତିକ ବା ଧାର୍ମିକ ନେତାମାନଙ୍କ ସହିତ ଏପରି ପ୍ରେମ କରୁନଥିବ ଯେଉଁଭଳି ପ୍ରେମ ଏଠିକାର ଲୋକମାନେ ଖଲିଫାଙ୍କ ସହିତ କରୁଛନ୍ତି । ମୁଁ ଏହି ସତ୍ୟତାକୁ ସ୍ୱୀକାର କରୁଅଛି । ପୁଣି ଜଣେ ଡାକ୍ତର ମୋର୍‌ଜାଓ ସାହେବ୍ କହୁଛନ୍ତି ଆମେ ସହୃଦୟତାର ସହିତ ଏହି ସତ୍ୟତାକୁ ଗ୍ରହଣ କରୁଅଛି । ଯାହାଆମେ ଏଠାରେ ଦେଖିଅଛୁ ଏହା ହେଉଛି ଏପରି ଏକ ସତ୍ୟତା ଯାହାକୁ କେହି ମଧ୍ୟ ରଦ୍ଦ କରିପାରିବେ ନାହିଁ । ଆମେ ଓ ଆମ ହୃଦୟ ଆଜିଠାରୁ ଆପଣଙ୍କ ସହିତ ରହିଲା । ଯାହାକିଛି ଆମେ ଆପଣଙ୍କଠାରୁ ଶୁଣିଲୁ ଓ ଦେଖିଲୁ ତାହା ଆମେ ଅନୁଭବ କରୁଅଛୁ ଓ ତା ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରିବୁ ।

ବୋସ୍‌ନିଆରୁ ୭୪ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ସାମିଲ୍ ହୋଇଥିଲା । ସ୍ଥାନୀୟ ଏନ୍‌ଜିଓର ଜଣେ ପ୍ରତିଷ୍ଠାତା ୟାସ୍‌ମିନ୍ ସ୍ୱାହିଚ୍ ସାହେବ୍ ସେ ଉକ୍ତ ଏନ୍‌ଜିଓର ଅଧକ୍ଷ ଅଟନ୍ତି । ସେ କହୁଛନ୍ତି ଯେ ଆପଣଙ୍କର ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ସହିତ ଥିବା ପ୍ରେମଭାବ ଓ ସେହି ପ୍ରେମଭାବ ଆପଣଙ୍କ ଶବ୍ଦଗୁଡିକରୁ ବାରି ହୋଇପଡୁଛି । ତତ୍‌ସହିତ ରସୁଲେ କରିମ୍ ସ:ଆ:ସଙ୍କ ପବିତ୍ର ଜୀବନୀ ପ୍ରସଙ୍ଗରେ ଆପଣଙ୍କର ଯେଉଁ ଉପଦେଶ ଥିଲା ତାହା ହୃଦୟକୁ ଛୁଇଁ ଯାଉଥିଲା । ଏହା ହେଉଛି ସେହି କାମ ଯାହାକୁ ଆଁ ହଜ୍‌ରତ୍ ସ:ଆ:ସ କରୁଥିଲେ । ପୁଣି ସେ କହୁଛନ୍ତି ଯେ ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ଆସନ୍ତା ଜଲ୍‌ସା ମଧ୍ୟ ଏହାଠାରୁ ଉତମ ହେଉ । ଏବଂ ଏହି ଜଲ୍‌ସା ମୁହମ୍ମଦ୍ ସ:ଆ:ସଙ୍କ ସମ୍ପ୍ରଦାୟରେ ଶକ୍ତି ଓ ଐକ୍ୟଭାବ ସୃଷ୍ଟି କରିବାର କାରଣ ହେଉ ।

ପୁଣି ଏମିନା ଚାଓଶେଭିଚ୍ ସାହିବା କହୁଛନ୍ତି ମୋତେ ଜଲ୍‌ସାରେ ସାମିଲ୍ ହୋଇ ଏ ଅନୁଭବ ହେଉଥିଲା ଯେ ଜଲ୍‌ସାର ପରିବେଶରେ ଏପରି ଶକ୍ତି ଓ ପ୍ରଭାବ ରହିଛି ଯେ ଆଧ୍ୟାତ୍ମିକ ରୂପେ ମୃତ୍ୟୁବରଣ କରିଥିବା ମନୁଷ୍ୟଙ୍କ ଠାରେ ଜୀବନର ଆତ୍ମା ସଂଚାଳିତ ହୋଇଯାଏ । ପୁଣି ଏଲ୍‌ମା କ୍ରେମିଶ୍ ସାହିବା କହୁଛନ୍ତି ମୁଁ ଏହି ଅବସରରୁ ଲାଭ ଉଠାଇ ଜମାତ୍ ଅହେମଦୀୟାକୁ ଧନ୍ୟବାଦ ଅର୍ପଣ କରୁଅଛି ଯେ ମୋତେ ଏହି ମହାନ୍ ଜଲ୍‌ସାରେ ସାମିଲ୍ ହେବାପାଇଁ ଆମନ୍ତ୍ରଣ କରାଯାଇଛି । ଅତିଥି ପରାୟଣତା ଏବଂ ଜଲ୍‌ସା ସମ୍ବନ୍ଧରେ ସମସ୍ତ ବ୍ୟବସ୍ଥା ମୋତେ ଆଶ୍ଚର୍ଯ୍ୟ ରୂପେ ପ୍ରଭାବିତ କରିଛି ଓ ବିଶେଷ ରୂପେ ମୋର ଏହି ଓ୍ୱିକେଣ୍ଡ୍ ଏପରି ଲୋକମାନଙ୍କ ଗହଣରେ ବିତିଲା ଯେଉଁମାନଙ୍କ ଚେହେରାରୁ ସର୍ବଦା ହସ ଝରୁଥିଲା ।

ପୁଣି ସେଠାରେ ବୟତ ଉତ୍ସବ ମଧ୍ୟ ଅନୁଷ୍ଠିତ ହେଲା । ଯେଉଁଥିରେ ୧୬ଟି ଦେଶ ସହିତ ସମ୍ପର୍କ ରଖିଥିବା ୩୭ଜଣ ସଦସ୍ୟ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଯେଉଁଥିରେ ଅଲ୍‌ବାନିଆ, ସର୍ବିୟା, ହଲାଣ୍ଡ, ଜର୍ମାନୀ, ଚେଚ୍‌ନିଆ, ରୋମାନିଆ, କୋସୋଭୋ, ବେଲ୍‌ଜିୟମ୍, ଶିରିଆ, ତୁର୍କୀ, ଉଜ୍‌ବେଗିସ୍ତାନ୍, ଲେବ୍‌ନାନ୍ ସିନିଗାଲ୍, ଘାନା, ଗାମ୍ବିୟା ଏବଂ ଗିନିକନାକରି ସାମିଲ୍ ଥିଲା ।

ଆଉଜଣେ ବନ୍ଧୁ ଲବିନଟ୍ ଯିଏ କୋସୋଭୋ ଦେଶରେ ଗୋଟିଏ ହାଇସ୍କୁଲ୍‌ର ପ୍ରିନ୍‌ସିପାଲ୍ ଅଛନ୍ତି । ସେ କହୁଛନ୍ତି ଯେ ଜଲ୍‌ସାସାଲାନା ମୋ ଉପରେ ଏକ ବିଶେଷ ପ୍ରଭାବ ପକାଇଛି ଓ ବିଶେଷ ରୂପେ ଯେବେ ଆପଣ କହିଲେ ଯେ ବସିପଡ ସେତେବେଳେ ଏତେ ସଂଖ୍ୟକ ଲୋକେ ତତ୍‌କ୍ଷଣାତ୍ ବସିପଡିଲେ । ଏପରି ଦୃଶ୍ୟ ଏ ପୃଥିବୀରେ କେଉଁଠାରେ ଦେଖିବାକୁ ମିଳିନାହିଁ । ପୁଣି ସେ କହୁଛନ୍ତି ଯେ ଏ ଜଲ୍‌ସାରେ ସାମିଲ୍ ହେବା ପରେ ମୁଁ ଏକଥା କହିବାକୁ ଚାହୁଁଛି ଯେ ଏହି ଜଲ୍‌ସା ତିନିଦିନ ପାଇଁ ହେବା ଉଚିତ୍ ନୁହେଁ । ବରଂ ୩୦ ଦିନ ହେବା ଉଚିତ୍ । ପୁଣି ସେ କହୁଛନ୍ତି କି ବୟତ୍ କରିବା ପାଇଁ ମୋର କୌଣସି ଅଭିଳାସ ନଥିଲା କିନ୍ତୁ ମୁଁ ସବୁଜିନିଷଠାରୁ ଓ ପୁଣି ଏହାଠାରୁ ଏତେମାତ୍ରାରେ ପ୍ରଭାବିତ ହୋଇଛି ଯେ ବୟତ୍ କରୁଥିବା ସମୟରେ ମୋ ମନ ଉପରେ ଏପରି ପ୍ରଭାବ ପଡିଲା ଯେ ସ୍ୱତଃପ୍ରୃତଭାବେ ସେଠାରେ ମୋର ହାତ ଉଠିଗଲା ଓ ବୟତର ଶବ୍ଦଗୁଡିକ ଆବୃତି କରିବା ଆରମ୍ଭ କରିଦେଲି ଓ ଏବେ ମୁଁ ବୟତ କରିସାରିଛି । କେବଳ ବାହ୍ୟ ଆକାରରେ ନୁହେଁ ବରଂ ବାସ୍ତବିକ କରିସାରିଛି ।

ପୁଣି ଆଜର୍ ବାଇଜାନ୍ ଦେଶରୁ ଆଗାସିଫ୍ ସାହେବ୍ କହୁଛନ୍ତି ମୁଁ କେବେ ଏପରି ଭାବିନଥିଲି ଯେ ମୁଁ ଆଧ୍ୟାତ୍ମିକତାର ଏତେ ଉଚ୍ଚ ସ୍ତରକୁ କେବେ ଦେଖିବି । ମୁରବୀ ମେହ୍‌ମୁଦ୍ ସାହେବ୍ ମୋତେ ଜମାତ୍ ସମ୍ବନ୍ଧରେ ଓ ଜମାତ୍‌ର ନିୟମକାନୁନ୍ ଓ ଆସ୍ଥା ସମ୍ବନ୍ଧରେ ଜ୍ଞାନ ଦେବା ଆରମ୍ଭ କଲେ । ମୋତେ ଏହା ସବୁକିଛି କପୋଳକଳ୍ପିତ ଓ ମିଥ୍ୟା ଭଳି ଲାଗିଲା । ତେଣୁ ମୁଁ ସେହି କଥା ଗୁଡିକୁ ଶୁଣିବାକୁ ଅସ୍ୱୀକାର କଲି । କିନ୍ତୁ ମୁଁ ଜାଣିନଥିଲି ଯେ ସତ୍ୟର ଏହି ଶକ୍ତି ମୋତେ ଦିନେ ନିଜ ଆଡକୁ ଟାଣିନେବ । ନିଶ୍ଚିତ ରୂପେ ଜମାତ୍‌ର ସତ୍ୟତା ଏବଂ ତାର ଉକ୍ତ ଦଲିଲ୍ ବହୁତ ଦୃଢ଼ ଥିଲା । ଭିଡିଓ ଦ୍ୱାରା ଦେଖିଥିବା ଦୃଶ୍ୟଗୁଡିକ ଏଠାରେ ଆସି ଦେଖିବାକୁ ଅବସର ମିଳିଲା । ଜଲ୍‌ସାରେ ବହତୁ ଲୋକଙ୍କ ସହିତ ମିଳାମିଶା କରିବାର ଅବସର ମିଳିଲା ।

କିନ୍ତୁ ପ୍ରତ୍ୟେକଙ୍କ ସହିତ ମିଶିବା ସମୟରେ ଏକା ପ୍ରକାରର ସୁନ୍ଦର ଅନୁଭବ ହେଉଥିଲା ଯାହା ନିଶ୍ଚିତ ରୂପେ ଏକ ପ୍ରମାଣ ଯେ ଏହା ହେଉଛି ଗୋଟିଏ ଜମାତ୍ । ଅଲ୍ଲାଃତାଲା ମୋତେ ଆପଣଙ୍କ ହାତରେ ବୟତ କରିବା ପାଇଁ ସୌଭାଗ୍ୟ ପ୍ରଦାନ କଲେ । ପ୍ରଥମଥର ଯେବେ ମୋତେ ଏ ବିଷୟ ଅବଗତ କରାଗଲା ସେତେବେଳେ ମୁଁ ବିଶ୍ୱାସ କରିପାରିଲି ନାହିଁ । ମୁଁ ଚାରିପାଂଚଥର ପଚାରିଲି କଣ ପ୍ରକୃତରେ ମୁଁ ଯୁଗ ଖଲିଫାଙ୍କ ହାତରେ ହାତ ରଖି ବୟତ୍ କରିବି । ସେ କହୁଛନ୍ତି ମୋ ଆଖିରେ ସେତେବେଳେ ଅଶ୍ରୁ ବହିବାକୁ ଲାଗିଲା । ତତ୍‌ସହିତ ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଯେ ମୁଁ ତ ଏହାର ଯୋଗ୍ୟ ନୁହେଁ । ପୁଣି ମୁଁ ଦରୁଦ୍ ଶରିଫ୍ ଏବଂ ଇସ୍‌ତେଗ୍‌ଫାର୍ ପଢ଼ିବା ଆରମ୍ଭ କରିଦେଲି । ବୟତର ଅବସର ମିଳିବା ପର୍ଯ୍ୟନ୍ତ ନା ମୁଁ ଖାଇପାରିଲି ଓ ନା ଆଉ କିଛି କରିପାରିଲି । ଅଲ୍‌ହମ୍‌ଦୋଲିଲ୍ଲାଃ ବୟତ୍ କରିବାର ଅବସର ଆସିଗଲା । ଅଲ୍ଲାଃତାଲା ମୋତେ ଏପରି ଶକ୍ତି ଓ ଆଧାତ୍ମିକ ଅବସର ପ୍ରଦାନ କଲେ ଯେ ମୁଁ ବୟତ୍ କରିବା ପରେ ସଜ୍‌ଦାରେ ପଡିଗଲି ଓ ତାହାର କୃତଜ୍ଞତା ଜ୍ଞାପନ କଲି ଯିଏ ଏହି ଅଧମ ପାପି ଭକ୍ତକୁ ଆପଣଙ୍କ ହାତରେ ବୟତ୍ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । ଜଲ୍‌ସା ପରେ ମୋତେ ଜଣାପଡିଲା ଯେ ପୁଣି ସାକ୍ଷାତ୍ କରିବାର ଆଉ ଏକ ଅବସର ମିଳିଯିବ । ତେଣୁ ମୁଁ ଦିନ ତମାମ ଅନେକ ପ୍ରଶ୍ନ ଭାବିବାକୁ ଲାଗିଲି । କିନ୍ତୁ ଯେତେବେଳେ ସାକ୍ଷାତ୍‌କାର୍ ହେଲା ସବୁକିଛି ଭୁଲିଗଲି ଓ କେବଳ ସବୁଠାରୁ ଅଧିକା ଚିନ୍ତାରେ ପକାଉଥିବା ପ୍ରଶ୍ନ ମୋର ମନେ ରହିଲା ଯେ କଣ ଜଲ୍‌ସା ପରେ ନିଜ ଦେଶକୁ ଯିବା ପରେ ଆଧାତ୍ମିକତାର ସ୍ତର ଏଭଳି ତିଷ୍ଠି ରହିବ । ଏଥିରେ ଆପଣ କହିଲେ ଯେ ଏହାକୁ ବଜାୟ ରଖିବା ପାଇଁ ସୁରଃ ଫାତିହା ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମା ଏବଂ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍ ଏବଂ ଇସ୍‌ତେଗ୍‌ଫାର୍‌କୁ ନିୟମିତ ପାଠ କରିଚାଲ । ପୁଣି ସେ କହୁଛନ୍ତି କି ମୁଁ ଏଠାରୁ ଏ ଶପଥ କରି ଯାଉଅଛି ଯେ ଆସନ୍ତା ଜଲ୍‌ସା ପର୍ଯ୍ୟନ୍ତ ଏହି ଉପଦେଶ ଉପରେ ପରିଚାଳିତ ହେବି ଓ ଆସନ୍ତା ଜଲ୍‌ସାରେ ଆସି ବତାଇବି ଯେ ମୁଁ ଆପଣଙ୍କ ଉପଦେଶ ଉପରେ ପରିଚାଳିତ ହୋଇଛି । ହଜୁର୍ ଅନୁୱର୍ କହୁଛନ୍ତି ତାଙ୍କର ଏହି ନିଷ୍ଠା ଓ ଭକ୍ତିଭାବକୁ ଅଲ୍ଲାଃତାଲା ବଢ଼ାଇ ଚାଲନ୍ତୁ ।

କୋସୋଭୋର ପ୍ରତିନିଧି ମଣ୍ଡଳରେ ଜଣେ ବନ୍ଧୁଥିଲେ ଯିଏ ପ୍ରଥମଥର ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ସେ କହୁଛନ୍ତି ମୁଁ ନିଜର ମନୋଭାବକୁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ । ମୋ ଜୀବନରେ କେବେଠାରୁ ଗୋଟିଏ ଅଭିଳାସ ଥିଲା ଯେ ଏପରି ଜଣେ ବ୍ୟକ୍ତି ମୋତେ ମିଳୁ ଯିଏ ସଂସାର ପାଇଁ ଚିନ୍ତା କରୁଥିବ ଓ ଯାହାଙ୍କ ସହିତ ମିଶି ମୋର ସମସ୍ତ ସମସ୍ୟା ଓ ଦୁଃଖ ନିବାରଣ ହେବ । ମୋର ଏହି ଜଲ୍‌ସାରେ ସାମିଲ୍ ହେବା ଇଶ୍ୱରଙ୍କ କାର୍ଯ୍ୟ ଥିଲା ଓ ବୟତ୍ କରିବା ସମୟରେ ମୋତେ ଏପରି ଲାଗୁଥିଲା ଯେପରି ମୁଁ ଇଶ୍ୱରଙ୍କ ନିକଟରେ ଅଛି ।

ପୁଣି ଆଲ୍‌ବାନିଆର ପେଲୁମ୍ଭ୍ ସାହେବ୍ କହୁଛନ୍ତି ମୁଁ ଆପଣଙ୍କ ହାତରେ ବୟତ କରିଛି ଓ ଏ ଜମାତ୍‌ରେ ସାମିଲ୍ ହେବାର ସୌଭାଗ୍ୟ ପାଇଛି । ସେଥିଯୋଗୁ ଅଲ୍ଲାଃତାଲାଙ୍କୁ ମୁଁ ବହୁତ ବହୁତ ଧନ୍ୟବାଦ ଅର୍ପଣ କରୁଛି ଯେ ସେ ମୋତେ ଅହେମଦୀୟତ୍‌ରେ ଆସିବା ପାଇଁ ସୌଭାଗ୍ୟ ପ୍ରଦାନ କଲେ । ସେ କହୁଛନ୍ତି ଯେ ମୁଁ ଅଲ୍ଲାଃତାଲାଙ୍କୁ କୃତଜ୍ଞତା ଜଣାଉଛି ଯେ ଗୋଟିଏ ବର୍ଷ ପୂର୍ବେ ମୋ ନିକଟରେ ଇମାନ୍ ନଥିଲା ଏବଂ ଏବର୍ଷ ଅଲ୍ଲାଃତାଲା ମୋତେ ଇମାନ୍‌ର ସମ୍ପଦ ପ୍ରଦାନ କରିଛନ୍ତି । ମୋର ଜନ୍ମ ଓ ଲାଳନପାଳନ ସମ୍ପୂର୍ଣ୍ଣ ରୂପେ ନାସ୍ତିକ ପରିବେଶରେ ହୋଇଥିଲା । କିନ୍ତୁ ଅଲ୍ଲାଃତାଲା ମୋତେ ଏହି ଜଲ୍‌ସାରେ ସାମିଲ୍ କରାଇ ଓ ଆପଣଙ୍କ ସହିତ ସାକ୍ଷାତ୍ କରାଇ ଇମାନ୍ ପ୍ରଦାନ କରିଛନ୍ତି ।

ଡାକ୍ତର ମୁହମ୍ମଦ୍ ମେହ୍‌ମୁଦ୍ ସାହେବ୍ କହୁଛନ୍ତି ଯେବେ ଦୁଇବର୍ଷ ପୂର୍ବେ ମୁଁ ପ୍ରଥମଥର ପାଇଁ ଏ ଜଲ୍‌ସାକୁ ଆସିଲି ସେତେବେଳେ ମୋତେ ଅଜବ ପ୍ରକାରର ଅନୁଭବ ହେଲା ଓ ସମ୍ପୂର୍ଣ୍ଣ ରୂପେ ମୋ ପାଇଁ ନୂଆ କଥା ଥିଲା ଯେ ଅହେମଦୀମାନେ ଏକଥା କହୁଛନ୍ତି କି ମେହ୍‌ଦୀ ଓ ମସିହ୍ ଆସିସାରିଛନ୍ତି ଓ ଆମକୁ ଏପର୍ଯ୍ୟନ୍ତ ଏକଥା ଜଣାନାହିଁ । ତେଣୁ ମୋ ମୁଣ୍ଡରେ ଅନେକ ପ୍ରଶ୍ନ ଉଠିଲା ଯେ ଆମେ ତ ଏହା ଶିଖିଛୁ ଓ ପଢ଼ିଛୁ ଯେ ମେହ୍‌ଦୀ ଆରବୀୟ ହେବେ ଓ ତାଙ୍କ ନାମ ମୁହମ୍ମଦ୍ ବିନ୍ ଅବ୍‌ଦୁଲା ହେବ । କଣ ଏ ଜମାତ୍ ଗୋଟିଏ ଧାର୍ମିକ ଜମାତ୍ ବା ରାଜନୈତିକ? ଏହିଭଳି ଅନେକ ପ୍ରଶ୍ନ ମୋର ମନକୁ ଆନ୍ଦୋଳିତ କଲା । ଏହି ପ୍ରଶ୍ନର ଉତର ହାସଲ କରିବା ପାଇଁ ମୁଁ ତା ପରବର୍ଷ ଜଲ୍‌ସାକୁ ଆସିଲି ଓ ଅହେମଦୀ ଭାଇମାନଙ୍କ ସହିତ ବିଭିନ୍ନ ବିଷୟ ଉପରେ ଚର୍ଚ୍ଚା କଲି । ଜଲ୍‌ସା ପରେ ମଧ୍ୟ ଅହେମଦୀମାନଙ୍କ ସହିତ ମୋର ଯୋଗାଯୋଗ ରହିଲା ଓ ଧିରେଧିରେ ମୋର ସମସ୍ତ ପ୍ରଶ୍ନର ଉତର ମୋତେ ମିଳିଚାଲିଲା । ତା'ପରେ ଯାଇ ମୁଁ ନିଶ୍ଚିତ ହୋଇଗଲି ଯେ ଅହେମଦୀ ହିଁ ଜଣେ ପ୍ରକୃତ ମୁସଲ୍‌ମାନର ସମସ୍ତ ଗୁଣକୁ ନିଜ ଭିତରେ ଆବୋରି ରଖିଛି । ସୁତରାଂ ମୁଁ ଜମାତ୍‌ର ପ୍ରେମ ଓ ସ୍ନେହଭାବ ଦ୍ୱାରା ପ୍ରଭାବିତ ହୋଇ ବୟତ କରିବାକୁ ମନସ୍ଥ କଲି । ସେ କହୁଛନ୍ତି ଏହି ପ୍ରେମଭାବ ଯାହା ଜମାତ୍‌ର ଲୋକମାନଙ୍କ ମଧ୍ୟରେ ମିଳିଥାଏ, ଯଦି ଅଲ୍ଲାଃତାଲା ଏହାର ମଞ୍ଜି ତାଙ୍କ ହୃଦୟରେ ରୋପଣ କରିନଥାନ୍ତା ତେବେ କେବେ ମଧ୍ୟ ଏହି ପ୍ରେମଭାବ ସୃଷ୍ଟି ହୋଇନଥାନ୍ତା । ପୁଣି କହୁଛନ୍ତି ଯେ ଏହା ଅଲ୍ଲାଃତାଲାଙ୍କ କୃପା ଯେ ମୋତେ ଯୁଗ ଖଲିଫାଙ୍କ ହାତରେ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା ଓ ବୟତ୍‌ର ଶବ୍ଦଗୁଡିକୁ ଆବୃତି କରିବା ସମୟରେ ଯେଉଁ ଅନୁଭବ ହେଉଥିଲା । ତାହାକୁ ବର୍ଣ୍ଣନା କରିବା ବହୁତ କଷ୍ଟକର । ମୁଁ ସୌଭାଗ୍ୟବାନ୍ ଯେ ଯୁଗ ଖଲିଫାଙ୍କ ହାତରେ ବୟତ୍ କରିବାର ଅବସର ପାଇଲି । ପୁଣି ସେ କହୁଛନ୍ତି ଯଦି ଏହି ବୟତ୍ ପାଂଚଘଂଟା ପର୍ଯ୍ୟନ୍ତ ଜାରି ରହିଥାନ୍ତା ତେବେ ମଧ୍ୟ ମୁଁ ବୋର୍ ହୋଇ ନଥାନ୍ତି ଏବଂ ନା ମୋତେ ସମୟ ବିତିବାର କୌଣସି ଅନୁଭବ ହୋଇଥାନ୍ତା ।

କୋସୋଭୋର ପ୍ରତିନିଧି ମଣ୍ଡଳର ଜଣେ ବନ୍ଧୁ ଯିଏ ପ୍ରଥମଥର ପାଇଁ ସାମିଲ୍ ହୋଇଥିଲେ ଓ ପାଂଚଜଣ ସଦସ୍ୟ ବିଶିଷ୍ଟ ସାରା ପରିବାରକୁ ବୟତ କରିବାର ସୌଭାଗ୍ୟ ମିଳିଥିଲା ସେ କହୁଛନ୍ତି ଯେ ପ୍ରଥମେ ମୋତେ ବୟତ୍ କରିବା ପାଇଁ ଡର ଲାଗୁଥିଲା କି ଏହା କିପରି ହେବ ଓ ମୋ ଶରୀର ଭୟରେ କମ୍ପୁଥିଲା । କିନ୍ତୁ ବୟତ କରିବା ପରେ ପୁଣି ଏହା ଶାନ୍ତ ହୋଇଗଲା ଓ ଏପରି ଅନୁଭବ ହେଲା ଯେପରି ସବୁକିଛି ନର୍ମାଲ୍ ହୋଇଯାଇଛି ।

କମାଲ୍ ଅଲ୍‌ୱାନ୍ ସାହେବ୍ ଲେବ୍‌ନାନି କହୁଛନ୍ତି ମୋ ନିକଟରେ ଗୋଟିଏ ରେଷ୍ଟୁରାଂଟ୍ ଥିଲା, ଯେଉଁଠି ଜଣେ ଅହେମଦୀ ବନ୍ଧୁ ମୁହମ୍ମଦ୍ ଶାହାଦା ସାହେବ୍ ଆସୁଥିଲେ । ସେ ଦିନେ ମୋତେ କହିଲେ ଯେ ମୁଁ ଆପଣଙ୍କୁ ଗୋଟିଏ କଥା ବତାଇବାକୁ ଚାହୁଁଛି କି ଇମାମ୍ ମେହ୍‌ଦୀ ବର୍ତମାନ ଆସିସାରିଛନ୍ତି ଓ ତାଙ୍କର ଦେହାନ୍ତ ମଧ୍ୟ ହୋଇସାରିଛି । ତାଙ୍କ ଯିବା ପରେ ମୁଁ ଚିନ୍ତା କଲି କି ଏହି ବ୍ୟକ୍ତିଜଣକ କିଏ ଥିଲେ । ପୁଣି କିଛି ଦିନ ପରେ ସେହି ଅହେମଦୀ ଜଣକ ଆସନ୍ତି ଓ ପୁନର୍ବାର କୁହନ୍ତି କି ଇମାମ୍ ମେହ୍‌ଦୀ ଆସିସାରିଛନ୍ତି । ଦିନେ ସେ କିଛି କଥାର ସ୍ୱଷ୍ଟୀକରଣ କଲେ ଯେଉଁଥିରେ ଦଜ୍ଜାଲ ଏବଂ ୱଫାତେ ମସିହ୍‌ଙ୍କ କଥା ଥିଲା । ମୋ ପାଇଁ ଏହା ବହୁତ ଆଶ୍ଚର୍ଯ୍ୟର କଥା ଥିଲା ଓ ମୋ ମନ ଭିତରେ ଏକଥା ଘର କରିଗଲା ଓ ମୋ ମନରେ ଏକଥା ସୃଷ୍ଟି ହେଲା ଯେ ମୁଁ ଏ ଜମାତ୍ ସମ୍ବନ୍ଧରେ ଆହୁରି ଅଧିକା କିଛି ଜ୍ଞାନ ଆହରଣ କରିବି । ସୁତରାଂ ସେହି ବ୍ୟକ୍ତିଜଣକ ମୋତେ ଜଲ୍‌ସାରେ ଯୋଗଦେବା ପାଇଁ ନିମନ୍ତ୍ରଣ କଲେ ଯାହାକୁ ମୁଁ ଖୁସିରେ ଗ୍ରହଣ କଲି । ସେ ପୁଣି କହୁଛନ୍ତି ଏହି ଜଲ୍‌ସାରେ ମୋ ପାଇଁ ଜମାତ୍‌ର ସତ୍ୟତା ନିମନ୍ତେ ସବୁଠାରୁ ପ୍ରଥମ ଦଲିଲ୍ ଏହା ଥିଲା କି ଏତେ ସଂଖ୍ୟକ ଲୋକେ ଏଠାରେ ଉପସ୍ଥିତ ହେବା ସତ୍ୱେ ମଧ୍ୟ କେତେ ସୁନ୍ଦର ଓ ଶୃଙ୍ଖଳିତ ବ୍ୟବସ୍ଥା ଏଠାରେ ଅଛି । ଜଲ୍‌ସା ସମୟରେ ଜଣେ ବନ୍ଧୁ ମୋତେ ଏକଥା ବତାଇଲେ ଯେ ଇଏ ହେଉଛନ୍ତି ଖଲିଫତୁଲ୍ ମୁସ୍‌ଲେମିନ୍ । ପୁଣି ମୁଁ ଅହେମଦୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଲି । ଏହାର ଉତର ସେମାନେ ବହୁତ ସ୍ନେହର ସହିତ ଦେଲେ । ସୁତରାଂ ମୋ ମନ ଅହେମଦୀୟତ୍‌ର ସତ୍ୟତା ଦ୍ୱାରା ଶାନ୍ତ୍ୱନା ପାଇଲା । ତେଣୁ ମୁଁ ଏକଥା ଭାବିଲି ଯେ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଜୀବିତ ରହିବି କି ନାହିଁ ସେଥିଯୋଗୁ ବର୍ତମାନ ବୟତ କରିନେବା ଉଚିତ୍ । ସୁତରାଂ ମୁଁ ବୟତ କରିନେଲି । ସେହିପରି ମୋର ଦୁଇଟି ସ୍ୱପ୍ନ ମଧ୍ୟ ଜମାତ୍‌ର ସତ୍ୟତାର କାରଣ ହେଲା । ଅଲ୍ଲାଃତାଲାଙ୍କ କୃପାବଳରୁ ମୋର ଜଣେ ପୁତ୍ର ମଧ୍ୟ ବୟତ କଲେ ଏବଂ ମୁଁ ଏହା ଚାହୁଁଛି ଯେ ମୋର ବାକି ସନ୍ତାନମାନେ ମଧ୍ୟ ଅହେମଦୀ ହୋଇଯାଆନ୍ତୁ । ମୁଁ ଆଜି ଅଲ୍‌ହଓ୍ୱାରୁଲ୍ ମୁବାଶିର୍ ଏବଂ ଖୁତ୍‌ବାଜୁମା ଧ୍ୟାନର ସହିତ ଦେଖୁଅଛି । ମୋ ନିକଟରେ ହଜ୍‌ରତ୍ ମସିହ୍ ମଓଦ୍ ଆ:ସଙ୍କ ତରଫରୁ ଦଶଗୋଟି ବୟତର ସର୍ତାବଳୀ କେବଳ କିଛି ସର୍ତାବଳୀ ହିଁ ନୁହେଁ ବରଂ ମୋ ନିକଟରେ ଏହା ଖୁଦାତାଲାଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା କାର୍ଯ୍ୟପନ୍ଥା । ବୟତ ପୂର୍ବରୁ ମୁଁ ଏ ପ୍ରାର୍ଥନା କରୁଥିଲି ଯେ ଖୁଦାତାଲା ମୋତେ ଇମାମ୍ ମେହ୍‌ଦୀଙ୍କୁ ଦେଖିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । ବିଗତ ଜୀବନ ଯାହାକୁ ମୁଁ ଏହି ଜମାତ୍ ବିନା ବିତାଇଛି ତା ଯୋଗୁ ମୋତେ ଲଜ୍ଜା ଲାଗୁଛି । ମୁଁ ସେଥିଯୋଗୁ ପ୍ରତ୍ୟେକ ଅହେମଦୀଙ୍କର ହୃଦୟର ଗଭୀରତାରୁ ସମ୍ମାନ କରୁଛି । କାରଣ ଏ ଲୋକମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଧର୍ମର ସେବା କରୁଛନ୍ତି । ମୋତେ ଏବେ ନିଜ ସ୍ତ୍ରୀ ପିଲାଙ୍କ ଧ୍ୟାନ ରଖିବା ଓ କାମ କରିବାର ଚିନ୍ତା ନାହିଁ ବରଂ ମୋର ଏ ଚିନ୍ତା ଯେ ମୋ ପାଖରେ ଏତେ ଅର୍ଥ ହେଉ ଯେ ମୁଁ ଜମାତ୍‌ର ଉନ୍ନତି ନିମନ୍ତେ ଖର୍ଚ୍ଚ କରିପାରିବି ଓ ଜମାତ୍‌ର ସେବା କରିପାରିବି ଏବଂ ଅଲ୍ଲାଃତାଲା

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ୱହ୍‌ଦାଦାର୍ ଯେକୌଣସି ସ୍ତରର ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

## ଦାରୁସ୍ ସନାଆତ୍ କାଦିଆନ୍‌ରେ ଏୟାର କଣ୍ଡିସନର୍ ଇନ୍‌ଷ୍ଟ୍ରକଟର୍ (A.C Instructor) ଆବଶ୍ୟକତା ରହିଛି

ଦାରୁସ୍ ସନାଆତ୍ କାଦିଆନ୍‌ରେ ଏୟାର କଣ୍ଡିସନର କାମ ଶିଖାଇବା ପାଇଁ ପ୍ରଥମ ଶ୍ରେଣୀ କର୍ମଚାରୀ ଇନ୍‌ଷ୍ଟ୍ରକଟରଙ୍କ ପଦବୀ ଖାଲି ରହିଛି । ଦାରୁସ୍ ସନାଆତ୍ ବିଭାଗରେ ସାରା ଭାରତ ବର୍ଷରୁ ଆସି ଶିକ୍ଷା ଗ୍ରହଣ କରୁଥିବା ଛାତ୍ରମାନଙ୍କୁ ଏୟାର କଣ୍ଡିସନର କାମ ପ୍ରାକ୍‌ଟିକାଲ୍ ଏବଂ ଥିଓରି ସହିତ ଶିଖାଇବା ତାଙ୍କର ଦାୟିତ୍ୱ ହେବ । ପ୍ରାର୍ଥୀଙ୍କୁ କାର୍ଯ୍ୟାଳୟର ସମୟ ବ୍ୟତିତ ମଧ୍ୟ ଆବଶ୍ୟକ ଅନୁଭବ ହେଲେ କାର୍ଯ୍ୟ ନିମନ୍ତେ ଡାକରା ଦିଆଯାଇପାରେ । ଅଭିଜ୍ଞ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।

ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ ମେଟ୍ରିକ ପାଶ୍ ହୋଇଥିବା ଆବଶ୍ୟକ ଓ ସଂପୃକ୍ତ ବିଭାଗରେ ଅତି କମ୍‌ରେ ITI / NSIC ବା ତାହା ସମକ୍ଷକ ଡ଼ିପ୍ଲୋମା କୋର୍ସ କରିଥିବେ । ପ୍ରାର୍ଥୀଙ୍କ ବୟସ ଅତିକମ୍‌ରେ ୨୦ ବର୍ଷରୁ ୩୫ ବର୍ଷ ହୋଇଥିବା ଜରୁରୀ ଅଟେ । ଦରଖାସ୍ତ ସହିତ ଜନ୍ମ ପ୍ରମାଣପତ୍ରର ନକଲ କପି ସଂଲଗ୍ନ କରିବା ଜରୁରୀ । ପ୍ରାର୍ଥୀଙ୍କ ନିମନ୍ତେ ଛାତ୍ରମାନଙ୍କୁ ଥିଓରି ପଢ଼ାଇବା ଅନିର୍ବାଯ୍ୟ ଓ ପ୍ରାକ୍ଟିକାଲ୍ ମଧ୍ୟ ଉତମ ଶୈଳୀରେ Demonstrate କରିପାରୁଥିବେ ସେହି ପ୍ରାର୍ଥୀଙ୍କୁ ଏହି ସେବା ପାଇଁ ଚୟନ କରାଯିବ ଯେଉଁମାନେ ଇଂଟରଭ୍ୟୁରେ ସଫଳ ହେବେ । ଇଂଟରଭ୍ୟୁ ନିମନ୍ତେ କାଦିଆନ୍ ଯାତାୟତର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । ସଫଳ ପ୍ରାର୍ଥୀଙ୍କୁ ଏଠାରେ ରହିବାର ବ୍ୟବସ୍ଥା ନିଜେ କରିବାକୁ ହେବ । ସେହି ପ୍ରାର୍ଥୀଙ୍କୁ ସେବା କରିବା ନିମନ୍ତେ ଚୟନ କରାଯିବ ଯିଏ ନୂର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡ଼ିକାଲ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ବିବେଚିତ ହେବେ । ନିଜାରତ୍ ଦିୱାନ୍‌ଙ୍କ ତରଫରୁ ନିର୍ଦ୍ଦିଷ୍ଟ ହୋଇଥିବା ଫର୍ମ ସହିତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଏବଂ ଯମାତୀ IND କାର୍ଡ଼ର ନକଲ କପି ଉପସ୍ଥାପନ କରିବା ଜରୁରୀ ହେବ । ନିର୍ଦ୍ଦିଷ୍ଟ ଦରଖାସ୍ତ ଫର୍ମକୁ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହେମଦିଆ କାଦିଆନ୍‌ଙ୍କଠାରୁ ମଗାଇ ନିଅନ୍ତୁ । ଏହି ଘୋଷଣାର ୩ ମାସ ମଧ୍ୟରେ ଯେଉଁ ଦରଖାସ୍ତଗୁଡ଼ିକ ଆସିବ ତାହା ବିଚାରଧିନ ହେବ । ଇଚ୍ଛୁକ ପ୍ରାର୍ଥୀମାନେ ନିଜର ଦରଖାସ୍ତଗୁଡ଼ିକ ପ୍ରକାଶିତ ଫର୍ମରେ ନିଜ ନିଜର ସଦର ଯମାତ୍ / ମୁବଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ମୋହର ଲଗାଯାଇଥିବା ତସ୍‌ଦିଗ ଦସ୍ତଖତ ସହିତ ନିମ୍ନଲିଖିତ ଠିକଣାରେ ପଠାଇ ପାରିବେ ।

ଅଧିକ ଜାଣିବା ପାଇଁ କାର୍ଯ୍ୟାଳୟ ସମୟରେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିପାରିବେ । (ସକାଳ ୮ରୁ ଦ୍ୱିପ୍ରହର ୨ଟା ପର୍ଯ୍ୟନ୍ତ)

Email:diwan@qadian.in, PhNo: 01872-501130
(Nazir Diwan Sadar Anjuman Ahmadiyya Qadian)

### ସାଲାନା ଇଜିତେମା

**ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯**

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍ନା ଇମାଇଲାଙ୍କଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ସଦିଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍ ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

**ହଜୁର ଅନୱରଙ୍କ ଗୋଚରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ**

### ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି, ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୁଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ ।

Islamabad, 2, Sheephatch Lane,
Tilford Surrey GU10 2AQ
United Kingdom

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ଦାରୁଲ୍ ଜିୟାଫତ୍ (ଲଙ୍ଗର ଖାନା) ରେ ଲେଡ଼ି କେୟାର ଟେକର୍‌ଙ୍କ ଆବଶ୍ୟକ ରହିଛି

ଲଙ୍ଗର ଖାନା ଦାରୁଲ୍ ଜିୟାଫତ୍ କାଦିଆନ୍‌ରେ ଗ୍ରେଡ୍ ଚତୁର୍ଥ ଶ୍ରେଣୀର ଜଣେ ଲେଡ଼ି କେୟାର ଟେକର୍‌ଙ୍କ ପଦବୀ ଖାଲି ରହିଛି । ଲେଡ଼ି କେୟାର ଟେକର୍‌ଙ୍କ ଦାୟିତ୍ୱ ଏହା ରହିବ ଯେ, ଲଙ୍ଗର ଖାନାକୁ ଆସୁଥିବା ମହିଳାମାନଙ୍କୁ ଚେକିଙ୍ଗ କରିବା, ମହିଳା ଅତିଥିମାନଙ୍କୁ ଆତିଥ୍ୟତା ପ୍ରଦାନ କରିବା, ସେମାନଙ୍କ ସହିତ ଯୋଗାଯୋଗ ରଖିବା ଏବଂ ସେମାନଙ୍କ କୋଠରୀଗୁଡ଼ିକୁ ସଫାସୁତୁରା ରଖିବା ଇତ୍ୟାଦି କାର୍ଯ୍ୟର ଦେଖାଶୁଣା କରିବେ ।

ପ୍ରତ୍ୟେକ ଦିନ ଅତିକମ୍‌ରେ ୧୦ ଘଂଟା ଡିୟୁଟି କରିବେ । ଅତିଥିମାନଙ୍କ ଭିଡ଼ ସମୟରେ ସକାଳ ୮ରୁ ରାତି ୧୦ଟା ପର୍ଯ୍ୟନ୍ତ ମଧ୍ୟ ଡିୟୁଟି ହୋଇପାରେ ।

୧. ପ୍ରାର୍ଥିନୀଙ୍କ ବୟସ ୩୦ ବର୍ଷରୁ ଅଧିକ ହୋଇଥିବ । ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଜରୁରୀ ଅଟେ । ୨. ପ୍ରାର୍ଥିନୀ ବିବାହିତା ହୋଇଥିବେ । ୩. ସେହି ପ୍ରାର୍ଥିନୀଙ୍କୁ ସେବା କରିବା ପାଇଁ ଚୟନ କରାଯିବ ଯିଏ ଇଂଟରଭ୍ୟୁରେ ସଫଳ ହେବେ । ୪. ସେହି ପ୍ରାର୍ଥିନୀଙ୍କୁ ସେବା କରିବା ପାଇଁ ଚୟନ କରାଯିବ ଯିଏ ନୁର୍ ହସ୍ପିଟାଲ କାଦିଆନ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ସାବ୍ୟସ୍ତ ହେବେ । ୫. ପ୍ରାର୍ଥିନୀ କାଦିଆନ୍ ଯାତାୟାତ କରିବା ଖର୍ଚ୍ଚ ନିଜେ ବହନ କରିବେ । ୬. ଚୟନ ହେବା କ୍ଷେତ୍ରରେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ୭. ନିର୍ଦ୍ଦିଷ୍ଟ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହେମଦିଆ କାଦିଆନ୍‌ଙ୍କଠାରୁ ମଗାଇ ନିଅନ୍ତୁ । ଏହି ଘୋଷଣାର ୨ ମାସ ମଧ୍ୟରେ ଯେଉଁ ଦରଖାସ୍ତଗୁଡ଼ିକ ଆସିବ ତାହା ଉପରେ ବିଚାର କରାଯିବ । ୮. ଇଚ୍ଛୁକ ପ୍ରାର୍ଥିନୀମାନେ ନିଜର ଦରଖାସ୍ତଗୁଡ଼ିକ ପ୍ରକାଶିତ ଫର୍ମରେ ନିଜ ସ୍ୱାମୀ / ବାପା / ଅଭିଭାବକଙ୍କ ତସ୍‌ଦିଗ ଦସ୍ତଖତ ସହିତ ସଦର୍ ଲଜ୍‌ନା ଇମାଇଲାଃଙ୍କ ମାର୍ଫତ୍‌ରେ ନିମ୍ନଲିଖିତ ଠିକଣାରେ ପଠାଇ ପାରିବେ ।

ଅଧିକ ଜାଣିବା ପାଇଁ କାର୍ଯ୍ୟାଳୟ ସମୟରେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିପାରିବେ । (ସକାଳ ୮ରୁ ଦ୍ୱିପ୍ରହର ୨ଟା ପର୍ଯ୍ୟନ୍ତ)

Email:diwan@qadian.in, PhNo: 01872-501130
(Nazir Diwan Sadar Anjuman Ahmadiyya Qadian)

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

ଏବଂ ଉକ୍ତ ଅତ୍ୟାଚାରର ଯୁଗକୁ ଶେଷ କରିଦେବ ଏହା ପରେ ପୁଣି ଖିଲାଫତେ ଅଲ୍ଲାଃ ମିନ୍‌ହାଜେ ନବୁଓ୍ୱତ୍ ପ୍ରତିଷ୍ଠା ହେବ ଏତିକି କଥା କହି ଆପଣ ସ:ଆ:ସ ନୀରବ ହୋଇଗଲେ । ଏହି ହଦୀସ୍‌ର ଇଂରାଜୀ ଅନୁବାଦ ଅଜିଜମ୍ ଜାଫର୍ ଅହେମଦ୍ ଉପସ୍ଥାପନ କଲେ ଏହାପରେ ଅଜିଜମ୍ ମୁନୀବ୍ ଅହେମଦ୍ ହଜରତ ମସିହ ମଉଦ ଆ:ସଙ୍କ ନିମ୍ନଲିଖିତ ଆଲେଖ୍ୟ ଉପସ୍ଥାପନ କଲେ ।

ହଜରତ ମସିହ ମଉଦ ଆ:ସ ଅଲ୍‌ବସିୟତ ପ୍ରତ୍ରିକାରେ ଲେଖୁଛନ୍ତି: "ତୁମମାନଙ୍କ ନିମନ୍ତେ ଦ୍ୱିତୀୟ କୁଦ୍‌ରତ୍ (ନିୟତି)କୁ ଦେଖିବା ମଧ୍ୟ ଜରୁରୀ ଅଟେ । ଏବଂ ତା'ର ଆସିବାଟା ତୁମପାଇଁ ଉତମ ହେବ କାରଣ ତାହା ସ୍ଥାୟୀ ରହିବ ଓ ଯାହାର ସିଲ୍‌ସିଲା କୟାମତ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବ ନାହିଁ ଓ ସେହି ଦ୍ୱିତୀୟ କୁଦରତ୍ ସେ ପର୍ଯ୍ୟନ୍ତ ଆସିପାରିବ ନାହିଁ ଯେ ପର୍ଯ୍ୟନ୍ତ ମୁଁ ନ ଯାଇଛି । କିନ୍ତୁ ମୁଁ ଯେବେ ଯିବି ସେତେବେଳେ ଖୁଦା ସେହି ଦ୍ୱିତୀୟ କୁଦ୍‌ରତ୍‌କୁ ତୁମପାଇଁ ପ୍ରେରଣ କରିବ ଯାହା ସଦାସର୍ବଦା ତୁମ ସହିତ ରହିବ ଯେପରି ଖୁଦାତାଲା ବରାହିନେ ଅହେମଦୀୟାରେ ପ୍ରତିଶୃତି ଦେଇଛନ୍ତି ଏବଂ ସେହି ପ୍ରତିଶୃତି ମୋ ନିଜ ପାଇଁ ନାହିଁ ବରଂ ତୁମପାଇଁ ହିଁ ସେହି ପ୍ରତିଶୃତି ଯେପରି କି, ଖୁଦା କହୁଛନ୍ତି ଯେ, ମୁଁ ଏହି ଯମାତ୍‌କୁ, ଯେଉଁମାନେ ହେଉଛନ୍ତି ତୁମର ଅନୁଯାୟୀ, କୟାମତ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରିବି ସୁତରାଂ ଏହା ଜରୁରୀ ଅଟେ ଯେ, ତୁମଠାରୁ ମୁଁ ବିଦାୟ ନେବି ଫଳତଃ ସେହି ଦିନଟି ଆସିବ ଯାହା ସ୍ଥାୟୀ ପ୍ରତିଶୃତିର ଦିନ ଅଟେ । ସେ ହେଉଛନ୍ତି ଆମର ଈଶ୍ୱର ଯିଏ ହେଉଛନ୍ତି ସଚ୍ଚା ପ୍ରତିଶୃତି ଦେବାବାଲା ଏବଂ ସଚ୍ଚା ଈଶ୍ୱର ସେ ସବୁ କିଛି ତୁମକୁ ଦେଖାଇବ ଯାହାର ସେ ପ୍ରତିଶୃତି ଦେଇଛି ।"

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ: "ମୁଁ ଈଶ୍ୱରଙ୍କ ତରଫରୁ ଏକ କୁଦ୍‌ରତ୍ ରୂପରେ ପ୍ରକାଶ ହୋଇଛି ଏବଂ ମୁଁ ଈଶ୍ୱରୀୟ ଶକ୍ତିର ଏକ ପ୍ରତିମା ଅଟେ ଓ ମୋ ପରେ ଏପରି କିଛି ଅସ୍ତିତ୍ୱ ହେବେ ଯେଉଁମାନେ ଦ୍ୱିତୀୟ ଶକ୍ତିର ଅନୁରୂପ ହେବେ ।" *(ରିସାଲା ଅଲ୍‌ଓ୍ୱସିୟତ୍, ରୁହାନୀ ଖଜାଇନ୍ ଖଣ୍ଡ-୨୦, ପୃ-୩୦୫, ୩୦୬)*

ଏହାପରେ ଅଜିଜମ୍ ଉସାମା ଅହମଦ୍ ଗୁଲ୍ ହଜରତ ମସିହ ମଉଦ ଆ:ସଙ୍କ ଉକ୍ତ ଆଲେଖ୍ୟର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ । ଏହାପରେ ଅଜିଜମ୍ ଅହମଦ୍ ସଲାମ୍ ସୁନ୍ଦର ସ୍ୱରରେ ନଜମ୍ ପଢ଼ି ଶୁଣାଇଲେ । ଅଜିଜମ୍ ହାରିସ୍ ଚୌଧୁରୀ ଉକ୍ତ ନଜମ୍‌ଟିର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ । ଏହାପରେ ଅଜିଜମ୍ ଇକାନ୍ ଅହେମଦ୍ ଏବଂ ଜିରକ୍ ଅହମଦ୍ "ଖିଲାଫତ୍ କି ବର୍‌କାତ୍" ବିଷୟ ଉପରେ ଗୋଟିଏ ପ୍ରେଜେଂଟସନ୍ ଉପସ୍ଥାପନ କଲେ । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଓ୍ୱାକିଫିନେ ନୌ ପିଲାମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଅନୁମତି ପ୍ରଦାନ କଲେ ।

ଜଣେ ଓ୍ୱାକିଫେ ନୌ ପିଲା ପ୍ରଶ୍ନ ପଚାରିଲେ ଯେ, ହଜୁରଙ୍କର ଏହି ଆମେରିକା ଗସ୍ତର ସାରାଂଶ କଣ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେବେ ଏ ଗସ୍ତ ଶେଷ ହେବ ସେତେବେଳେ ପୁଣି ମୁଁ ବତାଇବି ।

ଜଣେ ଓ୍ୱାକିଫେ ନୌ ଏ ପ୍ରଶ୍ନ ପଚାରିଲେ ଯେ, କସର ନମାଜ୍‌ର କ'ଣ ସର୍ତାବଳୀ ରହିଛି ? ଏଥି ରେ ହଜୁର ଅନଓ୍ୱର ଅ:ବ:ଅ କହିଲେ କୁର୍‌ଆନ୍ ଏବଂ ହଦୀସ୍ ଅନୁସାରେ ଯେବେ ଆପଣ ଯାତ୍ରା ଅବସ୍ଥାରେ ଥିବେ, ବିପଦ ସଙ୍କୁଳ ପରିସ୍ଥିତିରେ ଥିବେ ସେତେବେଳେ ନମାଜ୍ କସର ପଢ଼ାଯାଇଥାଏ । ହଦୀସ୍‌ରୁ ଯାହା ପ୍ରମାଣ ହେଉଛି ତାହା ହେଉଛି ଏହା କି ଯଦି ଚଉଦ ଦିନର ଯାତ୍ରା ଅଛି ତେବେ ଦୁଇ ସପ୍ତାହ ପର୍ଯ୍ୟନ୍ତ କସର ନମାଜ୍ ପଢ଼ାଯାଇ ପାରିବ । ଯଦି ଆପଣମାନେ କୌଣସି ସ୍ଥାନରେ ଦୁଇ ସପ୍ତାହ ପାଇଁ ରହୁଛ ତେବେ କସର ନମାଜ୍ ପଢ଼ନ୍ତୁ କିନ୍ତୁ ଯଦି ସେଠାରେ ଦୁଇ ସପ୍ତାହରୁ ଅଧିକା ରହିବାର ଅଛି ତେବେ ପୁଣି କସର ନମାଜ୍ ହେବ ନାହିଁ ।

ଆଉ ଜଣେ ଓ୍ୱାକିଫେ ନୌ ପିଲା ପଚାରିଲେ ଯେ, ଯଦି ଅଲ୍ଲାଃ ତାଲା ପ୍ରତ୍ୟେକ ଜିନିଷକୁ ତତ୍‌କ୍ଷଣାତ୍ ବନାଇ ଦେଇପାରେ ତେବେ ପୁଣି ଏ ପୃଥିବୀ ଓ ଆକାଶ ବନାଇବା ପାଇଁ ଛଅ ସାତ ଦିନ କାହିଁକି ସମୟ ନେଲେ ? ଏହାର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏହା ଆମର ଏଠିକାର ଛଅ ସାତ ଦିନ ଭଳି ନୁହେଁ ବରଂ ତାହା ହେଉଛି ଅଲ୍ଲାଃ ତାଲାଙ୍କର ହିସାବର ଦିନ । ଏହା ବାସ୍ତବରେ ବିଭିନ୍ନ ସମୟ ଅବଧିରେ ହୋଇଛି ଏଠାରେ ଛବିଳ ଭାଷା ବ୍ୟବହାର କରାଯାଇଛି ।

ଆଉ ଜଣେ ଓ୍ୱାକିଫେ ନୌ ପିଲା କହିଲେ ଯେ, ଯେତେବେଳେ ହଜୁର ଖଲ୍‌ଫା ହେଲେ ସେତେବେଳେ ଆପଣଙ୍କୁ କିପରି ଅନୁଭବ ହେଉଥିଲା ଓ ଆପଣ କେବେଠାରୁ ଖଲ୍‌ଫା ଅଟନ୍ତି ? ହଜୁର ଅନଓ୍ୱର ଅ:ବ:ଅ ପିଲାଟିକୁ ପଚାରିଲେ କି, ତୁମର ବୟସ କେତେ ? ପିଲାଟି ଉତର ଦେଲା ୧୧ ବର୍ଷ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ତୁମ ଜନ୍ମ ହେବାର ଚାରିବର୍ଷ ପୂର୍ବରୁ ମୁଁ ଖଲିଫା ହୋଇଛି ଓ ଯେଉଁଠି ଏକଥା ଉଠୁଛି ଯେ, ସେତେବେଳେ ମୋତେ କିପରି ଅନୁଭବ ହୋଇଥିଲା ତେବେ ଏହାର ଉତର ହେଉଛି ସେତେବେଳେ ଏପରି ଲାଗୁଥିଲା ଯେପରି ମାତ୍ରାଧିକ ବୋଝ ଲଦି ଦିଆଗଲା ।

ଆଉ ଜଣେ ଖାଦିମ୍ ପଚାରିଲେ ଯେ, ପଞ୍ଚ ବର୍ଷ ମୋର ବିଭାଘର ହୋଇଛି । ନବବିବାହିତା ଦମ୍ପତିଙ୍କ ନିମନ୍ତେ କିଛି ଉପଦେଶ ପ୍ରଦାନ କରନ୍ତୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଆପଣଙ୍କୁ ସର୍ବ ପ୍ରଥମେ ବିବାହ ନିମନ୍ତେ ଶୁଭେଚ୍ଛା ଓ ପୁଣି ଉପଦେଶ ହେଉଛି ଏହା କି, ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଦୋଷ ଦୁର୍ବଳତା ରହିଥାଏ କୌଣସି ବ୍ୟକ୍ତି ମଧ୍ୟ ସମ୍ପୂର୍ଣ୍ଣ ନୁହନ୍ତି ନା ସ୍ୱାମୀ ନା ସ୍ତ୍ରୀ ନା ଝିଅ ନା ପୁଅ ତେଣୁ ଯଦି ତୁମେ ଜଣେ ଅନ୍ୟ ଜଣକଠାରେ କୌଣସି ଦୁର୍ବଳତା ଦେଖ ତେବେ ନିଜର ମୁହଁ ଓ ଆଖିକୁ ସେତେବେଳେ ବନ୍ଦ କରିଦିଅ ଏହାଦ୍ୱାରା ଜିବନ ବହୁତ ସୁଖମୟ ହେବ ।

ଆଉ ଜଣେ ପ୍ରଶ୍ନ ପଚାରିଲେ ଯେ, ହଜୁର ଯେତେବେଳେ ଆପଣ ଛୋଟପିଲା ଥିଲେ ସେତେବେଳେ ଆପଣଙ୍କର କ'ଣ ମନେ ହେଉଥିଲା କି ଆପଣ ବଡ଼ ହୋଇ କ'ଣ ହେବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ "ମୋ ମନ ଯାହା ଚାହୁଁଥିଲା ତାହା ତ ମୁଁ ହୋଇପାରିଲି ନାହିଁ" ।

ଆଉ ଜଣେ ଓ୍ୱକ୍‌ଫେ ନୌ ପିଲା ପଚାରିଲେ ଯେ, ସୁନାପାତ୍ରରେ ଖାଇବା କାହିଁକି ହରାମ୍ (ଅର୍ଥାତ୍ ଅବୈଧ) ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ସୁନା ହେଉଛି ଦେଖେଇବାର ବସ୍ତୁ ଏବଂ ଅଲ୍ଲାଃ ତାଲାଙ୍କୁ ଦେଖାଇହେବା ବା ଏପରି ବସ୍ତୁ ଗୁଡ଼ିକ ପସନ୍ଦ ନୁହେଁ । ଗୋଟିଏ ପଟେ ତ ତୁମେ ସୁନାପାତ୍ରରେ ଖାଉଅଛ ଓ ଆରପଟେ ଗରିବ ଲୋକଙ୍କୁ ମାଟିପାତ୍ରରେ ମଧ୍ୟ ଖାଇବାକୁ ମିଳୁନାହିଁ ଏହା ହେଉଛି ଗୋଟିଏ କାରଣ । ଦ୍ୱିତୀୟତଃ ଅଲ୍ଲାଃ ତାଲା ଏକଥାକୁ ପସନ୍ଦ କରେ ନାହିଁ ଯେ, ନିଜର ସମ୍ପତିକୁ ଏପରି ପ୍ରକାଶ କରାଯାଉ । ଆଜିକାଲି ଏ ପୃଥିବିରେ ଆମ ମୁସଲମାନ ସମ୍ରାଟ ମଧ୍ୟ ଏହିପରି ପ୍ରକାଶ କରୁଛନ୍ତି ଯେବେ କି ଅଲ୍ଲାଃ ତାଲାଙ୍କୁ ଏହା ପସନ୍ଦ ନୁହେଁ । ଅଲ୍ଲାଃ ତାଲାଙ୍କୁ ସାଧାସିଧା ପଣିଆ ପସନ୍ଦ ଲାଗେ । ଏହାଠାରୁ ତ ଭଲ କଥା ହେଉଛି ଗରିବ ଲୋକମାନଙ୍କୁ କିଛି ଅର୍ଥ ସାହାର୍ଯ୍ୟ କର,

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*Weekly* **BADAR** *Qadian* ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.4 Thursday 15-22 Aug 2019 Issue No. 33-34**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୩୦ ଅକ୍ଟୋବର ୨୦୧୮ ମଙ୍ଗଳବାର ୱାକିଫାତେ ନୌଙ୍କ ସହିତ ଅନୁଷ୍ଠିତ ହୋଇଥିବା କ୍ଲାସର ଅବଶିଷ୍ଟାଂଶ

ଏହାପରେ ଅଯିଜା ସମ୍‌ରେନ୍ ଶିରାଜ୍ ଉର୍ଦ୍ଦୁ ଭାଷାରେ "ଖିଲାଫତ୍ କି ବର୍‌କାତ୍" ବିଷୟରେ ଭାଷଣ ଦେଲେ । ଏହାପରେ ଅଯିଜା ମଦିହା ଅଜିନ୍ କୁରେସି, ରୌହା ଫରିଦା ଏବଂ ଆଲିଆ ସମ୍‌ରେନ୍ ଅହେମଦ୍ "ଖିଲାଫତ୍ ହମାରି ରଗେଜାମ୍" ବିଷୟ ଉପରେ ଗୋଟିଏ ପ୍ରେଜେଂଟସନ୍ ପରିବେଷଣ କଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ୱାକିଫାତେ ନୌ ଝିଅମାନଙ୍କୁ ପ୍ରଶ୍ନ କରିବା ନିମନ୍ତେ ଅନୁମତି ପ୍ରଦାନ କଲେ ।

ଜଣେ ୱାକିଫା ନୌ ଝିଅ ପଚାରିଲେ ଯେ, ଯଦି ସ୍କୁଲ୍‌ରେ ଗ୍ରେଡ୍ ଭଲ ନାହିଁ ତେବେ କ'ଣ କରିବାକୁ ହେବ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଅଧିକ ପରିଶ୍ରମ କରନ୍ତୁ । ଯଦି ଆପଣ ପରିଶ୍ରମ କରିବେ ତେବେ ଅଲ୍ଲାଃ ତାଲା ଏହାର ଫଳ ମଧ୍ୟ ଦେଇଥାଏ ।

ଆଉ ଜଣେ ୱାକିଫାଏ ନୌ ଝିଅ ପ୍ରଶ୍ନ କଲେ ଯେ, ଯେପରି କି ଆମେ ଜାଣିଛେ ଯେ, ଆମେ ନିଜ ଦେଶ ସହିତ ଭକ୍ତି କରିବା କିନ୍ତୁ ଏଠାରେ ଏତେ ମାତ୍ରାରେ ସମସ୍ୟା ରହିଛି ତେଣୁ ଏତେ ମାତ୍ରାରେ ସମସ୍ୟା ହେବା ଯୋଗୁଁ ଆମେ ନିଜ ଦେଶ ସହିତ ଭକ୍ତି କରିବା? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ସମସ୍ୟା ତ ରାଜନୈତିକ ପାର୍ଟି ଓ ରାଜନିତି କରୁଥିବା ଲୋକମାନଙ୍କ ମଧ୍ୟରେ ରହିଛି । ଆପଣଙ୍କୁ ତ ଦେଶ ସହିତ ଭକ୍ତି ଦେଖେଇବାକୁ ହେବ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଦେଶ ସହିତ ଭକ୍ତି କରିବା ହେଉଛି ଇମାନ୍‌ର ଏକ ଅଂଶବିଶେଷ । ଯଦି ଆପଣମାନଙ୍କ ଧାରଣାରେ ରାଜନେତାମାନେ ଠିକ୍ ନୁହନ୍ତି ବା ସେମାନେ ସମାଜର ଶାନ୍ତିକୁ ବରବାଦ କରୁଛନ୍ତି ଅଥବା ସେମାନେ ପୁଣି ସଠିକ୍ ରୂପେ ନିଜର ଦାୟିତ୍ୱ ନିର୍ବାହ କରୁନାହାନ୍ତି ତେବେ ପୁଣି ଏଠାରେ ଆଁ ହଜରତ ସ:ଆ:ସଙ୍କ ଉକ୍ତି ଏପରି ଅଛି ଯେ ଆପଣମାନେ ଏପରି ରାଜନେତାଙ୍କ ଖିଲାଫରେ ଛିଡ଼ା ନ ହୁଅନ୍ତୁ ଏବଂ ସମାଜରେ ଅଶାନ୍ତ ବାତାବରଣ ସୃଷ୍ଟି କରନାହିଁ । ଆପଣମାନେ ପ୍ରତିକ୍ଷା କରନ୍ତୁ, ପ୍ରାର୍ଥନା କରନ୍ତୁ ଓ ଯେବେ ଆସନ୍ତା ନିର୍ବାଚନ ଅନୁଷ୍ଠିତ ହେବ ସେତେବେଳେ ଏପରି ଲୋକଙ୍କୁ ଚୟନ କରନ୍ତୁ ଯିଏ ଦେଶ, ସମାଜ ଓ ମାନବ ସମାଜ ପାଇଁ ହିତକାରି ଓ ନିଷ୍ଠାବାନ୍ ।

ଏହାପରେ ଆଉ ଜଣେ ୱାକିଫାଏ ନୌ ଝିଅ ପ୍ରଶ୍ନ ପଚାରିଲେ ଯେ, ଆମେ ଏ କଥା ଜାଣିଛୁ ଯେ, ଇସ୍‌ଲାମ୍‌ରେ ସରୋଗେଟ୍ ମନା ଅଛି କିନ୍ତୁ ଯଦି ଜଣେ ଏଗ୍ ଡ଼ୋନେଟ୍ କରିବାକୁ ଚାହୁଁଥାଏ ଯଦ୍ୱାରା କୌଣସି ଗୋଟିଏ ବ୍ୟକ୍ତି ତା'ର ପରିବାର ଗଢ଼ିପାରିବ ତେବେ ଏ ସମ୍ବନ୍ଧରେ କ'ଣ ଶିକ୍ଷା ଅଛି? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯଦି ଦୁଇଜଣଙ୍କ ମଧ୍ୟରୁ ଜଣେ ବାଞ୍ଝ ଅଟନ୍ତି ସେ ପୁରୁଷ ହୁଅନ୍ତୁ ବା ମହିଳା ତେବେ ଏହାପାଇଁ କିଛିଟା ଉପଚାର ରହିଛି ଉଦାହରଣ ସ୍ୱରୁପ ଆଇ.ଭି.ଏଫ୍ ବା ଏପରି କୃତ୍ରିମ ଶୈଳୀକୁ ବ୍ୟବହାର କରି, ଯଦ୍ୱାରା ଦୁର୍ବଳ ଭ୍ରୁଣକୁ ଗର୍ଭ ଭିତରେ ରଖାଯାଇଥାଏ କିନ୍ତୁ ଇସ୍‌ଲାମ୍ କହୁଛି ଯେ, ସେହି ଗର୍ଭ ଭିତରେ ଡ଼ିମ୍ବାଣୁ ଓ ଭ୍ରୁଣ ସ୍ୱାମୀ ସ୍ତ୍ରୀ ଦୁଇଙ୍କର ହେବା ଉଚିତ ଅନ୍ୟ କାହାର ନୁହେଁ ।

ଆଉ ଜଣେ ୱାକିଫାଏ ନୌ ଝିଅ ପଚାରିଲେ ଯେ, ମୁଁ ସ୍କୁଲ୍‌ରେ ଏକଥା ପଢ଼ିଛି ଯେ. ଯଦି କୌଣସି ବ୍ୟକ୍ତି ଶାରିରିକ ରୂପେ ବହୁ ମାତ୍ରାରେ ଅକ୍ଷମ ତେବେ ତାକୁ ବିନା କଷ୍ଟ ଦେଇ ମାରିଦିଆଯାଇପାରେ ତେବେ ମୋର ପ୍ରଶ୍ନ ହେଉଛି ଏହା କି, କ'ଣ ଏପରି ଶୈଳୀ ଇସ୍‌ଲାମରେ ବୈଧ ଅଟେ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏ ଲୋକମାନେ ଏପରି ବ୍ୟବସ୍ଥାକୁ ମର୍ଶିକିଲିଙ୍ଗ କହୁଛନ୍ତି । ଇସ୍‌ଲାମରେ ଏହାର ବୈଧ୍ୟତା ନାହିଁ । ଇସ୍‌ଲାମ କହୁଛି ଯେ, ଯେ ପର୍ଯ୍ୟନ୍ତ ତୁମର ଜୀବନ ଅଛି, ତୁମର ନିଶ୍ୱାସ ଚାଲିଛି, ଯେ ପର୍ଯ୍ୟନ୍ତ ଈଶ୍ୱର ତୁମକୁ ଜୀବିତ ରଖିଛନ୍ତି ସେ ପର୍ଯ୍ୟନ୍ତ ତୁମେ ଜୀବିତ ରୁହ । କୌଣସି ପ୍ରକାର କୃତ୍ରିମ ଶୈଳୀରେ ନିଜକୁ ମାର ନାହିଁ, ନା ବିଷ ଦ୍ୱାରା, ନା ଗୋଳି ଦ୍ୱାରା ଏବଂ ନା ଅନ୍ୟ କୌଣସି ଉପାୟରେ ଏହା ହେଉଛି ଆତ୍ମହତ୍ୟା ।

ଜଣେ ୱାକିଫାଏ ନୌ ଝିଅ ପ୍ରଶ୍ନ ପଚାରିଲେ ଯେ, ଆପଣ ଏ ପର୍ଯ୍ୟନ୍ତ ପୃଥିବୀର ଯେତେ ଭାଗ ଦେଖିସାରିଛନ୍ତି ସେଥିରୁ ଆପଣଙ୍କୁ ସବୁଠାରୁ ଭଲ ଜାଗା କେଉଁ ସ୍ଥାନଟି ଲାଗିଲା? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ସାରା ଦୁନିଆ ହିଁ ଭଲ କାରଣ ସାରା ସଂସାରକୁ ଅଲ୍ଲାଃ ତାଲା ହିଁ ବନାଇଛନ୍ତି ।

ଆଉ ଜଣେ ୱାକିଫାଏ ନୌ ଝିଅ ପଚାରିଲେ ଯେ, ମୋ ଝିଅ ଏବେ ସ୍କୁଲ ଯାଉଛି ଏବଂ ସ୍କୁଲରେ କ୍ରିସ୍‌ମାସ୍ ଏବଂ ହାଲୋୱିନ୍ ଇତ୍ୟାଦି ପ୍ରୋଗ୍ରାମରେ ମଜା ହୋଇଥାଏ ତେବେ କ'ଣ ମୋତେ ମୋ ଝିଅକୁ ସାମିଲ କରିବା ପାଇଁ ଅନୁମତି ଦେବା ଉଚିତ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ହାଲୋୱିନ୍ ତ ଏମିତି ଭୁଲ୍ ପ୍ରଥା ତେବେ ବାକି କ୍ରିସ୍‌ମାସ୍‌ରେ କ'ଣ ପ୍ରୋଗ୍ରାମ ଅନୁଷ୍ଠିତ ହୁଏ? ଏଥିରେ ୱାକିଫାଏ ନୌ ବତାଇଲେ ଯେ, ପାର୍ଟି ହୁଏ ସେଥିରେ ଉପହାର ଆଦାନ ପ୍ରଦାନ ହୋଇଥାଏ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ସେଠାରେ ଯାଇ ଇସା ଈଶ୍ୱରଙ୍କ ପୁତ୍ର ହେବାର ଗୀତ ଗାଇବ ନାହିଁ ଏପରି ଯଦି ଯିବାକୁ ଚାହୁଁଛ ତେବେ ଯାଅ ବାକି ରହିଲା ଉପହାରର ଆଦାନ ପ୍ରଦାନ ତେଣୁ ଆପଣ ମଧ୍ୟ ତାଙ୍କ ସାଙ୍ଗ ମାନଙ୍କୁ ଇଦ୍‌ରେ ନିମନ୍ତ୍ରଣ କର । ଏବଂ ହାଲୋୱିନ ସମ୍ପୁର୍ଣ୍ଣ ରୂପେ ଏକ ଅଲଗା ବିଷୟ ଏହାର ଅନୁମତି ବିଲ୍‌କୁଲ୍ ନାହିଁ ।

ଆଉ ଜଣେ ୱାକିଫାଏ ନୌ ପଚାରିଲେ ଯେ, ବର୍ତମାନ ଯମାତ୍‌କୁ ସବୁଠାରୁ ଅଧିକା କି ପ୍ରକାରର ପ୍ରବୀଣ ଲୋକର ଆବଶ୍ୟକତା ରହିଛି? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ସବୁଠାରୁ ଅଧିକା ତ ଆମକୁ ଡ଼ାକ୍ତର ଓ ଶିକ୍ଷକଙ୍କ ଆବଶ୍ୟକତା ରହିଛି ।

ଆଉ ଜଣେ ଝିଅ ପ୍ରଶ୍ନ ପଚାରିଲେ ଯେ, ଆମେ ସମସ୍ତେ ଗୋଟିଏ ଯମାତ୍ ହୋଇଥିବାରୁ କିଭଳି ବାସ୍ତବିକ ପୃଥିବୀର ସମସ୍ୟାଗୁଡ଼ିକୁ ବିନା କୌଣସି ପ୍ରତିବନ୍ଧକରେ ତର୍କ କରିପାରିବୁ ଆମକୁ ବର୍ଣ୍ଣ ବୈଷମ, ପାରିବାରିକ ଝଗଡ଼ା ଏବଂ ମାରପିଟ ଇତ୍ୟାଦିକୁ ଅଧିକ ସ୍ପଷ୍ଟରୂପେ ବର୍ଣ୍ଣନା କରିବା ଉଚିତ । ଯମାତ୍ ଭିତରେ ଆମକୁ ଏକଥା ଅନୁଭବ ହେଉଛି ଯେ, ଆମେ ଏହି ସବୁ ବିଷୟ ବସ୍ତୁ ଉପରେ ଖୋଲାଖୋଲି ଚର୍ଚ୍ଚା କରୁନାହେଁ ବରଂ ଏସବୁ ବିଷୟବସ୍ତୁ ଗୁଡ଼ିକୁ ଛାଡ଼ି ଦେଉଛେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ଏକଥା କହୁଛନ୍ତି କି ସାଧାରଣତଃ ସମସାମୟିକ ସମସ୍ୟା ଗୁଡ଼ିକ ଉପରେ ଯମାତ୍‌ର ପ୍ରୋଗ୍ରାମ ଅନ୍ତର୍ଗତ ଚର୍ଚ୍ଚା କରାଯାଉନାହିଁ । ତେଣୁ ଆମେ ସେଗୁଡ଼ିକୁ କିପରି ସମାଧାନ କରିପାରିବ? ଇସଲାମ୍ ତ ବର୍ଣ୍ଣ ବୈଷମତାର ବିରୋଧ ଅଟେ ଏବଂ ଆଁ ହଜରତ ସ:ଆ:ସ ଖୁତ୍‌ବା ହୁଜ୍ଜତୁଲ୍ ୱିଦାଆରେ ସ୍ପଷ୍ଟ ରୂପେ ଏକଥା କହିଛନ୍ତି ଯେ, ଜଣେ ଅଣଆରବୀୟ ଉପରେ କୌଣସି ପ୍ରକାରର ଶ୍ରେଷ୍ଠତା ନାହିଁ ସେହିପରି ନା କୌଣସି ଅଣଆରବୀୟକୁ ଜଣେ ଆରବୀୟଙ୍କ ଉପରେ କିଛି ଶ୍ରେଷ୍ଠତା ନାହିଁ । ତେଣୁ ଇସଲାମରେ ବର୍ଣ୍ଣ ବୈଷମତାର କୌଣସି ସ୍ଥାନ ନାହିଁ । ଯଦି କିଏ ବିଦ୍ୱେଷଭାବ ରଖୁଥାଏ ତେବେ ଏହା ହେଉଛି ତାର ନିଜସ୍ୱ କର୍ମ । କ'ଣ ଆପଣ କେବେ ମୋଠାରୁ ବା ମୋ ପୂର୍ବରୁ ଥିବା ଖଲିଫାଙ୍କଠାରୁ ବା ହଜରତ ମସିହ ମଉଦ ଆ:ସଙ୍କ ଠାରୁ ଏପରି କିଛି ଶୁଣିଛନ୍ତି କି ଯେଉଁଥିରୁ ବର୍ଣ୍ଣ ବୈଷମତାକୁ ପ୍ରୋତ୍ସାହନ ମିଳୁଥିବ? ଆପଣମାନେ ଖଲିଫାଏ ୱକ୍‌ତଙ୍କର ବୟତ କରିଛନ୍ତି ନା କି ସଦର୍ ଲଜ୍‌ନା ବା ସଦର୍ ଯମାତ୍ ବା ସେକ୍ରେଟାରୀ ବା ଯମାତ୍‌ର କୌଣସି ୱହଦାଦାର ବା କୌଣସି ଯମାତି ତନ୍‌ଜିମ୍‌ର ବୟତ କରିଛନ୍ତି । ଯଦି ସେମାନଙ୍କ ମଧ୍ୟରୁ କିଏ ମଧ୍ୟ ଏଭଳି ବ୍ୟବହାର କରୁଥାଏ ତେବେ ଏହା ସେ ଭୁଲ୍ କରୁଛି । ଯଦି ଏପରି କୌଣସି ମାମଲା ମୋ ସାମନାକୁ ଆସିଥାଏ ତେବେ ମୁଁ ଦୃଢ଼ତାର ସହିତ ଏହାକୁ ଖଣ୍ଡନ କରେ । ଯଦି ଏପରି କୌଣସି ବ୍ୟକ୍ତି କରୁଛି ତେବେ ଏହା ହେଉଛି ତା'ର ଜ୍ଞାନର ଅଭାବ ନା କି ଯମାତି ଶିକ୍ଷାର ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯଦି ଜଣେ ପାଂଚବେଳା ନମାଜ ପଢୁନାହିଁ ତେବେ ଏହା ହେଉଛି ତା'ର ନିଜସ୍ୱ ପାପ ନା କି ଯମାତି ଶିକ୍ଷାର । ଯଦି ଯମାତ୍‌ର ୭୦% ଏପରି କରୁନାହିଁ ତେବେ ଏହାର ଅର୍ଥ ନୁହେଁ ଯେ, ଯମାତ୍ ସେମାନଙ୍କୁ ପ୍ରୋତ୍ସାହିତ କରୁଅଛି ଯେ, ସେମାନେ ନମାଜ୍ ନ ପଢ଼ନ୍ତୁ ବରଂ ଏହା ତ ସେମାନଙ୍କର ନିଜସ୍ୱ ଦୁର୍ବଳତା ନିଜର ଦୋଷ ଦୁର୍ବଳତାକୁ କିଏ ଇସଲାମର ବା ଯମାତ୍‌ର ଶିକ୍ଷା ବୋଲି ଅଭିହିତ କରିପାରିବ ନାହିଁ ।

ୱାକିଫାତେ ନୌଙ୍କ ସହିତ ଏହି କ୍ଲାସ ୮:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ଶେଷରେ ହଜୁର ଅନଓ୍ୱର ଅ:ବ:ଅ ସମସ୍ତ ଝିଅପିଲାମାନଙ୍କୁ ଉପହାର ପ୍ରଦାନ କଲେ । ଏହାପରେ ପ୍ରୋଗ୍ରାମ ମୁତାବକ ୱାକିଫିନେ ନୌଙ୍କ କ୍ଲାସ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଆରମ୍ଭ ହେଲା ।

### ୱାକିଫିନେ ନୌଙ୍କ ସହିତ କ୍ଲାସ

ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା କରାଗଲା । ଯାହାକୁ ଅଜିଜମ୍ ସଜିଲ୍ ହାଇଦର ଖାନ୍ ଆବୃତି କଲେ ଓ ଏହାର ଉର୍ଦ୍ଦୁ ଅନୁବାଦ ଅଜିଜମ୍ ଖ୍ୱାଜା ସମର ଫରାଜ୍ ଉପସ୍ଥାପନ କଲେ ଏବଂ ଇଂରାଜୀ ଅନୁବାଦ ଅଜିଜମ୍ ଖାଲିଦ୍ ଅହେମଦ୍ ହୁସୈନ ଉପସ୍ଥାପନ କଲେ ଏହାପରେ ଅଜିଜମ୍ ହୁଶାମ୍ ଅହମଦ୍ ମଲକ୍ ଆଁ ହଜରତ ସ:ଆ:ସଙ୍କ ପବିତ୍ର ହଦିସ୍ ଉପସ୍ଥାପନ କଲେ ।

ହଜରତ ହୁଜୈଫା ର:ଅ ବର୍ଣ୍ଣନା କରୁଛନ୍ତି ଯେ, ଆଁ ହଜରତ ସ:ଆ:ସ କହିଛନ୍ତି କି, ତୁମମାନଙ୍କ ମଧ୍ୟରେ ନବୁୱତ ପ୍ରତିଷ୍ଠା ରହିବ ଯେ ପର୍ଯ୍ୟନ୍ତ ଈଶ୍ୱର ଚାହିଁବେ ପୁଣି ସେ ତାହାକୁ ଉଠାଇନେବ ଏବଂ ଖିଲାଫତେ ଆଲା ମିନ୍‌ହାଜେ ନବୁୱତ ପ୍ରତିଷ୍ଠା ହେବ ପୁଣି ଅଲ୍ଲାଃ ଯେବେ ଚାହିଁବେ ଏହି ନେମତ୍ (ପୁରସ୍କାର)କୁ ମଧ୍ୟ ଉଠାଇନେବେ । ପୁଣି ଏହାପରେ ନିୟତି ମୁତାବକ କଷ୍ଟ ପ୍ରଦାନ କାରି ରାଜତ୍ୱ ପ୍ରତିଷ୍ଠା ହେବ (ଯଦ୍ୱାରା ଲୋକମାନେ ଅସୁବିଧାର ସମ୍ମୁଖିନ ହେବେ) ଯେବେ ଏହି ଯୁଗ ଶେଷ ହେବ ତାହାର ଦ୍ୱିତୀୟ ନିୟତି ମୁତାବକ ତା'ଠାରୁ ମଧ୍ୟ ଅଧିକା ଅତ୍ୟାଚାରୀ ରାଜତ୍ୱ ପ୍ରତିଷ୍ଠା ହେବ ଏପରି କି, ଅଲ୍ଲାଃ ତାଲାଙ୍କ କରୁଣା (ଏହାକୁ ଦେଖି) ଜୋସ୍‌ରେ ଆସିଯିବ

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**